### ସିଲ୍କ ସିଟି ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା

# ସତ୍ୟଜିତ୍‌ଙ୍କ ଗୀତରେ ଝୁମିଲେ ଦର୍ଶକ





ବ୍ରହ୍ମପୁର,୧୦।୪(ସମିସ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ସିଲ୍କ ସିଟି ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା ପଞ୍ଚମ ସନ୍ଧ୍ୟାରେ ପହଞ୍ଚିଛି। ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଏ. ସସ୍ୟ ରେଡ୍ଡୀ, ଜିଲ୍ଲା ପରିଷଦ ଗଞ୍ଜାମ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଓ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ।

କଳା, ସଂସ୍କୃତିରେ ଗଞ୍ଜାମ ଜିଲ୍ଲା ପରିପୂର୍ଣ୍ଣ ରହିଥିବା ବେଳେ ଏହାକୁ ଅଧିକ ଲୋକାଭିମୁଖୀ କରିବାକୁ ରେଶମ ମହୋତ୍ସବ ଏକ ପ୍ରକୃଷ୍ଟ ମଞ୍ଚ ସାବ୍ୟସ୍ତ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କର୍ଯ୍ୟକ୍ରମରେ ବ୍ରହ୍ମପୁର ସହରର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ରହ୍ମପୁର ମହାନଗର ନିଗମର ସମସ୍ତ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାସହିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମହୋତ୍ସବର ପଞ୍ଚମ ଦିନ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକପ୍ରିୟ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଏବଂ ତାଙ୍କ ସହଯୋଗୀଙ୍କ ସୁମଧୁର ସଂଗୀତରେ ଦର୍ଶକମାନେ ଝୁମିଥିଲେ। ସେହିପରି ନିକୁଞ୍ଜ ହୋତା ନିର୍ଦ୍ଦେଶିତ ଓଡ଼ିଆ ଚଳଚିତ୍ର 'ମେହେରମୁଣ୍ଡା' ପ୍ରଦର୍ଶିତ ହୋଇଥିଲା। ଏଥିରେ କଳାକାର ରାକେଶ କୁମାର ପାଢ଼ୀ ପ୍ରାୟୋଜିତ, ଅର୍ଲିନ ଅଙ୍କିତା, ଶୁଭ୍ରାଂଶୁ ଓ ସୁଶାନ୍ତ ଅଭିନୟ କରିଥିଲେ। ସେହିପରି ଜଗନ୍ନାଥପ୍ରସାଦ ସ୍ଥିତ ଶ୍ରୀ ନୃତ୍ୟ କଳାକେନ୍ଦ୍ର ଦ୍ୱାରା ଓଡିଶୀ ନୃତ୍ୟ, ଉତ୍କଳିକା କଳା ନିକେତନ ବ୍ରହ୍ମପୁର ଦ୍ୱାରା ବନ୍ଦେ ଉତ୍କଳ ଜନନୀ, ବ୍ରହ୍ମପୁର ଅୟାନୀ ଡ୍ୟାନ୍ସ ଏକାଡେମୀ, ନିଷ୍ଟ ଡ୍ୟାନ୍ସ କ୍ଲବ୍, ଲଳିତ କଲଚରାଲ ଏକାଡେମୀ, ଶ୍ରୁତି ଡ୍ୟାନ୍ସ ଏକାଡେମୀ ଦ୍ୱାରା ବିଭିନ୍ନ ନୃତ୍ୟ ପ୍ରଦର୍ଶନ, ଛତ୍ରପୁର ସୋମାୟା ଡ୍ୟାନ୍ସ ଏକାଡେମୀ ଦ୍ୱାରା ଆଧୁନିକ ନୃତ୍ୟ, କୋରାପୁଟ ମା' ଆଦିଶକ୍ତି ଢେମସା ଗ୍ରୁପ୍ ଦ୍ୱାରା ଢେମସା ନୃତ୍ୟ ପରିବେଷଣ କରାଯାଇଥିଲା। ଦର୍ଶକମାନେ ଷ୍ଟଲ୍ ବୁଲିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ। କାର୍ଯ୍ୟକ୍ରମରେ ବିଡିଏ ସମ୍ପାଦକ ରମେଶ ହାଁସଦା ସ୍ୱାଗତ ଭାଷଣ ଦେଇଥିଲା ବେଳେ ଉପ ଆୟୁକ୍ତ ସଂଘମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଦର୍ଶିତ ହେଲା ଆଧୁନିକ ଅସ୍ତ୍ରଶସ୍ତ୍ର



ବ୍ରହ୍ମପୁର,୧୦।୪(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ରେଶମ ସହର ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳାରେ ଆଧୁନିକ ଅସ୍ତ୍ର-ଶସ୍ତ୍ର ପ୍ରଦର୍ଶିତ ହୋଇଛି। ଓଡ଼ିଶା ପୁଲିସ ବିଭାଗର ଅସ୍ତ୍ରଶସ୍ତ୍ର ଏବଂ ବୋମା ନିଷ୍କ୍ରିୟକାରୀ ୟୁନିଟ୍ ପକ୍ଷରୁ ଏହି ବିଶେଷ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟଲ୍‌ରେ ପୁଲିସଙ୍କ ଦ୍ୱାରା ବ୍ୟବହୃତ ଆଧୁନିକ ଅସ୍ତ୍ରଶସ୍ତ୍ର, ବୋମା ନିଷ୍କ୍ରିୟକରଣ ସାମଗ୍ରୀ ଓ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ସାଧାରଣ ଜ୍ଞାନ ଲୋକେ ଆହରଣ କରିପାରିବେ। ଏହାସହ ସାଧାରଣ ଲୋକଙ୍କୁ ପୁଲିସର କାର୍ଯ୍ୟପ୍ରଣାଳୀ ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ଅବଗତ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମଙ୍କ ସମେତ ବ୍ରହ୍ମପୁର ପୁଲିସ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ପୁରୀ ରଥଖଳାକୁ ଗଲା ଦ୍ୱିତୀୟ ପର୍ଯ୍ୟାୟ ରଥକାଠ



ଭଞ୍ଜନଗର,୧୦।୪(ସମିସ): ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଶୁକ୍ରବାର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ବନାଞ୍ଚଳର ଗାୟଗଣ୍ଡା ସେକ୍ସନ ଘୋଗଡ଼ ଓ ଗୁଣ୍ଡୁରିବାଡ଼ି ସଂରକ୍ଷିତ ଜଙ୍ଗଲରୁ ୪୦ ଘନଫୁଟର ୭ ଖଣ୍ଡ ଢଉରା ଓ ୪୦ଘନଫୁଟର ୬ ଖଣ୍ଡ ଅସନା କାଠ ଏକ ଭାବମୟପରିବେଶରେପୁରୀ ରଥଖଳାକୁ ପଠାଯାଇଛି। ଶୁକ୍ରବାର ଉଭୟ ଘୋଗଡ଼ ଓ ଗୁଣ୍ଡୁରିବାଡ଼ି ସଂରକ୍ଷିତ ଜଙ୍ଗଲ ପରିସରରେ ଯଥାବିଧି ହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଜୟ ଜଗନ୍ନାଥ ଧ୍ୱନି ସହିତ ଘଣ୍ଟଘଣ୍ଟା, ଗିନି, ମୃଦଙ୍ଗ ଧ୍ୱନୀରେ ସମସ୍ତ ଗ୍ରାମ ପ୍ରକମ୍ପିତ ହୋଇଥିବା ବେଳେ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସୁଚନା ଯୋଗ୍ୟ ଯେ ପୂର୍ବରୁ ଏହି ବନଖଣ୍ଡର ବିଭିନ୍ନ ବନାଞ୍ଚଳରୁ ଚଳିତ ବର୍ଷ ମୋଟ ୧୦୨ ଖଣ୍ଡ ଢଉରା, ଅସନା ଓ ଫାସି କାଠ ପୁରୀ ରଥଖଳାକୁ ଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ନିଜ ଘରବାଡ଼ିରେ ବଢ଼ାଇଥିବା ରଥକାଠକୁ କିଛି ବଦାନ୍ୟ ବ୍ୟକ୍ତି ଦାନ କରିଛନ୍ତି।

## ରାୟଗଡ଼ା ଜିଲ୍ଲାର ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ କଲା ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର,୧୦।୪(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ରାୟଗଡ଼ା ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ସହରର ବର୍ଦ୍ଧିତ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଟିପିଏସ୍‌ଓଡିଏଲ୍ ତରଫରୁ ୩୩/୧୧ କେଭି, ୧୨.୫/୧୬ ଏମଭିଏ ଟ୍ରାନ୍ସଫର୍ମର ଅଟୋନଗର ପିଏସ୍‌ଏସ୍‌ରେ ସ୍ଥାପନ କରାଯାଇଛି। ଏହି ଉନ୍ନତିକରଣ ଫଳରେ ଓଭରଲୋଡିଂ ସମସ୍ୟା ଦୂରୀଭୂତ ହେବ। ଏ ସମ୍ପର୍କରେ ଅମିତ କୁମାର ଗର୍ଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଟିପିଏସ୍‌ଓଡିଏଲ୍ କହିଛନ୍ତି, "ସମଗ୍ର ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ। ଅଟୋନଗର ପିଏସ୍‌ଏସ୍‌ରେ ସ୍ଥାପନ ହୋଇଥିବା ଏହି ନୂତନ ଟ୍ରାନ୍ସଫର୍ମର ଭରସାଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଦିଗରେ ଏକ ପଦକ୍ଷେପ। ଏହା ରାୟଗଡ଼ାର ଲୋକଙ୍କୁ ବିଶେଷ ଭାବରେ ଉପକାର ପ୍ରଦାନ କରିବା ସହିତ ଜିଲ୍ଲାର ବର୍ଦ୍ଧିତ ବିଦ୍ୟୁତ ଚାହିଦାକୁ ପୂରା କରିବ। ଟିପିଏସ୍‌ଓଡିଏଲ୍ ନିରନ୍ତର ଭିତ୍ତିଭୂମିର ଉନ୍ନତିକରଣ ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରି ଗ୍ରାହକଙ୍କ ସନ୍ତୁଷ୍ଟି ପାଇଁ ପ୍ରତିବଦ୍ଧ।

## ଜିଲ୍ଲାସ୍ତରୀୟ ସିଏମ୍ କପ୍ ଉଦ୍‌ଘାଟିତ



ବ୍ରହ୍ମପୁର,୧୦।୪(ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିଅମରେ ଜିଲ୍ଲା ସ୍ତରୀୟ ସିଏମ୍ କପର ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସାମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ମହାନଗର ନିଗମ କମିଶନର ଏ. ସସ୍ୟ ରେଡ୍ଡୀ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର ସାମଲ ଯୋଗଦେଇ ପ୍ରତିଯୋଗିତାଙ୍କୁ ଉଦଘାଟନ କରିଥିଲେ। ଉଦଘାଟନ ଦିବସରେ ଫୁଟବଲ ଓ କବାଡ଼ି ମ୍ୟାଚ ଉଭୟ ବାଳକ ଓ ବାଳିକା ବର୍ଗରେ ଖେଳାଯାଇଥିଲା। ଫୁଟବଲରେ ପ୍ରଥମ ମ୍ୟାଚ ସେଣ୍ଟ ଜାଭିଅର ଓ ସୋଡ଼ାକ ଟାଇଗର ବାଳକ ମଧ୍ୟରେ ଖେଳାଯାଇଥିବା ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି.ଏମ ବାବୁ, ସୀତାରାମ ବେବ୍ରତ, ପ୍ରମୋଦ ମହାରଣା ଓ ରାଜ ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳିମାନେ ମଧ୍ୟ ଉପସ୍ଥିତ ଥିଲେ।

● ବକେୟା ରାଜସ୍ୱ ଅସୁଲ ପାଇଁ ଆକ୍ସନ ମୋଡ୍‌ରେ ବିଇଏମ୍‌ସି

## ୨ ଦିନରେ ଆଦାୟ ହେଲା ପ୍ରାୟ ୯ ଲକ୍ଷ

ବ୍ରହ୍ମପୁର,୧୦।୪(ସମିସ): ବର୍ଷ ବର୍ଷ ଧରି ଷ୍ଟଲ ଭଡ଼ା ଦେବାରେ ଖିଲାପ କରି ଆସୁଥିବା ଦୋକାନୀ ତଥା ଲିଜଧାରୀଙ୍କଠାରୁ ବକେୟା ରାଜସ୍ୱ ଆଦାୟ କରିବାକୁ ଅଣ୍ଟା ଭିଡ଼ିଛି ବିଇଏମସି। ୨୪ଘଣ୍ଟାର ମହଲତ ପରେ ବକେୟା ଭଡ଼ା ଅସୁଲ କରିବାରେ ସଫଳ ହୋଇଛନ୍ତି କର୍ତ୍ତୃପକ୍ଷ। ବକେୟା ପ୍ରାୟ ୧କୋଟି ୭୬ଲକ୍ଷ ଟଙ୍କାରୁ ମାତ୍ର ଦୁଇ ଦିନରେ ୪୫ ଦୋକାନରୁ ମୋଟ ୮ଲକ୍ଷ ୮୭ହଜାର ୮୬୧ଟଙ୍କା ଆଦାୟ ହୋଇପାରିଛି।



ମହଲତ ଶେଷ ହେବା ସହିତ ଆଜି ବିଇଏମସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ ସହିତ ବ୍ରହ୍ମପୁର ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ବଡ଼ବଜାରର ପରିବା ମାର୍କେଟ୍‌ରୁ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମେ ଗୋଟିଏ ଦୋକାନକୁ ସିଲ କରିବା ପରେ ସମ୍ପୃକ୍ତ ବଜାରରେ ଥିବା ସମସ୍ତ ଖିଲାପି ଓ ଅନ୍ୟାନ୍ୟ ଅଞ୍ଚଳରୁ ଦୋକାନୀ ତଥା ଲିଜଧାରୀ ନିଜନିଜର ବକେୟା ଭଡ଼ା ପ୍ରଦାନ କରିଥିଲେ। ଏହି ଅଭିଯାନ ଆଗକୁ କଡ଼ାକଡ଼ି ହେବ ବୋଲି କହିଛନ୍ତି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ। ସେପଟେ ଆସନ୍ତା ୧୩ରୁ ସହରର ବିଭିନ୍ନ ୱାର୍ଡ ଓ ବଜାରରେ ଥିବା ବିଇଏମସିର ଦୋକାନ ଘର ବା ଷ୍ଟଲର ସ୍ଥିତି ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି ସହକାରୀ କମିଶନର ରୋନିତ କୁମାର। ବିଇଏମସିରେ ମୋଟ ୮ଶହରୁ ଉଦ୍ଧ୍ୱର୍ ଦୋକାନଗୃହ ଥିବାବେଳେ ସେଥିମଧ୍ୟରୁ ୪ଶହରୁ ଉର୍ଦ୍ଧ୍ୱ ଅର୍ଥାତ୍ ଶତକଡା ୫୦ଭାଗ ଖିଲାପି। ସେଥିମଧ୍ୟରୁ ପୁଣି ୧୪୪ଜଣ ବଡ଼ ଖିଲାପି ରହିଛନ୍ତି, ଯେଉଁମାନଙ୍କ ନାମରେ ବହୁ ବକେୟା ଦୀର୍ଘବର୍ଷ ଧରି ପଡି ରହିଛି। ଏହି ଅଭିଯାନ କ୍ରମରେ ଖିଲାପିଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି କମିଶନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ।

■ ଗଞ୍ଜାମର ୧୨ ବ୍ଲକରେ ଆରମ୍ଭ ହେବ 'ନିରୀକ୍ଷଣ ସାଥୀ'

## ଦୁର୍ଗମ ଅଞ୍ଚଳର ଗର୍ଭବତୀଙ୍କ ନିକଟରେ ପହଞ୍ଚିବ 'ଅଟୋ ଆମ୍ବୁଲାନ୍ସ'

ବ୍ରହ୍ମପୁର,୧୦।୪(ସମିସ): ବିଭିନ୍ନ ସମୟରେ ଗଞ୍ଜାମରୁ ଆରମ୍ଭ ଅନେକ ଯୋଜନା ରାଜ୍ୟସ୍ତରରେ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ପୂର୍ବରୁ ଗର୍ଭବତୀଙ୍କ ଅଲଟ୍ରା ସାଉଣ୍ଡ ନିମନ୍ତେ 'ନିରୀକ୍ଷଣ' ଯୋଜନାରେ ଏହି ସେବା ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ଜିଲ୍ଲାରେ ପୁଣି ଏକ ନୂଆ ଯୋଜନା ଆରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନ ଦ୍ୱାରା ଗର୍ଭବତୀ ମହିଳାଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା ଓ ସୁରକ୍ଷିତ ପ୍ରସବକୁ ସୁନିଶ୍ଚିତ କରିବାକୁ 'ନିରୀକ୍ଷଣ ସାଥି' ଯୋଜନାରେ 'ଅଟୋ ଆମ୍ବୁଲାନ୍ସ' ସେବା ଆରମ୍ଭ ହେବାକୁ ଯାଇଛି।

ଚଳିତ ମାସ ୧୫ତାରିଖରେ ଉକ୍ତ ସେବା ଶୁଭାରମ୍ଭ ହେବାକୁ ଥିବାବେଳେ ଦୁର୍ଗମ ଅଞ୍ଚଳରେ ଥିବା ଗର୍ଭବତୀ ଏହି ସେବା ପାଇବେ। ଏହି ଯୋଜନା ଅଧୀନରେ ଜିଲ୍ଲାର ୧୨ଟି ବ୍ଲକର ୨୪୭ଟି ଗ୍ରାମକୁ ଏହି ସେବା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ଆସିକା ବ୍ଲକର ୩ଟି ଗ୍ରାମ, ବେଗୁନିଆପଡ଼ା ୬ଟି, ଭଞ୍ଜନଗର ୭ଟି, ବୁଗୁଡ଼ ୪ଟି, ଚିକିଟି ୩ଟି, ଧରାକୋଟ ୨୪ଟି, ଦିଗପହଣ୍ଡି ୧୯ଟି, ଜଗନ୍ନାଥପ୍ରସାଦ ୧୭ଟି, ପାତ୍ରପୁର ସର୍ବାଧିକ ୮୫ଟି ପୋଲସରା ୫ଟି, ସାନଖେମୁଣ୍ଡି ୫ଟି ଓ ସୋରଡ଼ା ୬୯ଟି ଦୁର୍ଗମ ଅଞ୍ଚଳ ତଥା ଗ୍ରାମରେ ଥିବା ଗର୍ଭବତୀ ମହିଳାଙ୍କୁ ଆବଶ୍ୟକ ସ୍ଥଳେ ତୁରନ୍ତ 'ଅଟୋ ଆମ୍ବୁଲାନ୍ସ' ସେବା ଯୋଗାଇ ଦିଆଯିବ। ଫଳରେ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରାଯାଇପାରିବ।

● ଜିଲ୍ଲାର ୨୪୭ଟି ଗ୍ରାମରେ ସେବା ଯୋଗାଇବେ ୯୯ ଅଟୋ

ଯୋଜନା ଅନୁଯାୟୀ, ଦୁର୍ଗମ ଓ ଗାଁଠାରୁ ହସ୍ପିଟାଲ୍ ପହଞ୍ଚିବାରେ ଅସୁବିଧା ଭୋଗୁଥିବା ଗର୍ଭବତୀ ମହିଳାଙ୍କ ପାଇଁ ୯୯ଟି ଅଟୋ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଯିବ। ଏହି ଅଟୋ ଆମ୍ବୁଲାନ୍ସମାନେ ଗର୍ଭବତୀଙ୍କୁ ଘରୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍ପିଟାଲ୍‌କୁ ସୁବିଧାଜନକ ଭାବେ ପହଞ୍ଚାଇବେ। ଗର୍ଭବତୀଙ୍କୁ ୩ଥର ଅଲଟ୍ରାସାଉଣ୍ଡ ସେବା ସହ ପ୍ରସବ ଓ ଛୋଟ ଶିଶୁଙ୍କୁ ଚିକିତ୍ସା ନିମନ୍ତେ ମେଡ଼ିକାଲ ନେବାର ବ୍ୟବସ୍ଥା କରାଯିବ। ଏହି ସେବା ପ୍ରଦାନ କରୁଥିବା ଅଟୋ ଆମ୍ବୁଲାନ୍ସ ଚାଳକମାନଙ୍କୁ ପ୍ରତ୍ୟେକ ଥର ପାଇଁ ୧୦୦୦ ଟଙ୍କା ପାରିଶ୍ରମିକ ଦିଆଯିବ। 'ନିରୀକ୍ଷଣ ସାଥି' ଆପ୍ ମାଧ୍ୟମରେ ଏହି ସମଗ୍ର ବ୍ୟବସ୍ଥା ପରିଚାଳିତ ହେବ। ଆଶାକର୍ମୀ ଏହି ଆପ୍ ଦ୍ୱାରା ଗର୍ଭବତୀଙ୍କ ତଥ୍ୟ ସଂଗ୍ରହ, ନିରୀକ୍ଷଣ ଓ ଆବଶ୍ୟକ ସମୟରେ ଯାନବ୍ୟବସ୍ଥା ସୁନିଶ୍ଚିତ କରିବେ। ବିଭିନ୍ନ ସମୟରେ ଜିଲ୍ଲାର ବହୁ ଦୁର୍ଗମ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚିବା କଷ୍ଟକର ହୋଇଥାଏ। ଏହାଦ୍ୱାରା ସଠିକ ସମୟରେ ଗର୍ଭବତୀଙ୍କ ଚିକିତ୍ସା ସେବା ମିଳିବା କଷ୍ଟକର ହୋଇଥାଏ।

## ବିଶ୍ୱ ହୋମିଓପାଥି ଦିବସ ପାଳିତ




ବ୍ରହ୍ମପୁର,୧୦।୪(ସମିସ): ବିଜୁ ପଟ୍ଟନାୟକ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ବିଶ୍ୱ ହୋମିଓପାଥି ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡା. ଗୀତାଞ୍ଜଳି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡା. ଉପେନ୍ଦ୍ର ନାଥ ଦାଶ, ପ୍ରଫେସର ଡା. ପି କେ ପତି, ଡା. ଦିବ୍ୟାନୀ ଦେବ ଯୋଗଦେଇ ହୋମିଓପାଥିକ ଚିକିତ୍ସାରେ ଡା. ହାନିମ୍ୟାନଙ୍କ ଅବଦାନ ଓ ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ହୋମିଓପାଥିକ ଆୟୋଗର ନିର୍ଦ୍ଦେଶକ୍ରମେ ଏପ୍ରିଲ ପହିଲାରୁ ୭ ତାରିଖ ପର୍ଯ୍ୟନ୍ତ ହୋମିଓପାଥିକ ସପ୍ତାହ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡା. ସାଗରିକା ମିଶ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ସଭା, ସ୍ୱାସ୍ଥ୍ୟଶିବିର, ସଚେତନ ଶୋଭାଯାତ୍ରା ସହ ପ୍ରବନ୍ଧ, ବିତର୍କ ପ୍ରତିଯୋଗିତା ସମେତ ଡେଣ୍ଟାଲ ଶିବିର ଆୟୋଜିତ ହୋଇଥିଲା।

### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନୂତନ କୁଳପତିଙ୍କ ଦାୟିତ୍ୱ ଗ୍ରହଣ

# ସମସ୍ୟାବହୁଳ ଶିକ୍ଷାନୁଷ୍ଠାନକୁ ସୁଧାରିବା ଚାଲେଞ୍ଜ; ଅସମ୍ଭବ ନୁହେଁ: କୁଳପତି

ବ୍ରହ୍ମପୁର,୧୦।୪(ସମିସ)



ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ଥାୟୀ ମହିଳା କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରଫେସର ଅସୀମା ସାହୁ। ଏଥିପାଇଁ ସେ କୁଳାଧିପତି ରାଜ୍ୟପାଳଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବହୁ ସମସ୍ୟା ଭିତରେ ଛନ୍ଦି ହୋଇଥିବା ଏହି ଶିକ୍ଷାନୁଷ୍ଠାନର ବିକାଶ ଓ ଏଠାରେ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ। ତେବେ ଏଥିପାଇଁ ସମସ୍ତଙ୍କର ଆନ୍ତରିକ ସାହାଯ୍ୟ ଓ ସହଯୋଗର ଆବଶ୍ୟକତା ବୋଲି ସେ କହିଛନ୍ତି। ବିଶ୍ୱବିଦ୍ୟାଳୟର ତୃତୀୟ ତଥା ପ୍ରଥମ ସ୍ଥାୟୀ ମହିଳା କୁଳପତି ଭାବେ ପ୍ରଫେସର ଅସୀମା ସାହୁ ଭାରପ୍ରାପ୍ତ କୁଳପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ନୂତନ କୁଳପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

ବିଶ୍ୱବିଦ୍ୟାଳୟ ଭାବେ ୟୁଜିସିର ୨(ଏଫ) ମାନ୍ୟତା ମିଳିଥିଲେ ହେଁ ୧୨(ବି) ମାନ୍ୟତା ମିଳିନାହିଁ। ଫଳସ୍ୱରୁପ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ ଯଦିଓ ଗ୍ରହଣୀୟ ତେବେ ଶିକ୍ଷାନୁଷ୍ଠାନକୁ ରୁଷା ଅଥବା ୟୁଜିସିରୁ ଅନୁଦାନ ମିଳିବା ସମ୍ଭବପର ନୁହେଁ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବାବଦରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୦କୋଟିର ଅନୁଦାନ ମିଳିଥିଲେ ହେଁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଶିକ୍ଷାନୁଷ୍ଠାନରେ ପୂର୍ବରୁ ମୋଟ ୨୪ଟି ବିଷୟରେ ପାଠ୍ୟକ୍ରମ ଚାଲୁଥିବା ବେଳେ ବର୍ତ୍ତମାନ ତାହା ବିଭିନ୍ନ କାରଣରୁ ହ୍ରାସ ପାଇ ୧୩କୁ ଖସିଯାଇଛି। ଏଠାରେ ଯେ କେବଳ ରାଷ୍ଟ୍ରଭାଷା 'ହିନ୍ଦୀ' ଓ 'ଫିଲୋସୋଫି' ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ବନ୍ଦ ହୋଇଯାଇଛି ତାହା ନୁହେଁ ବରଂ ବହୁ ବିଭାଗରେ ଛାତ୍ରଛାତ୍ରୀ ଥିବାବେଳେ ଅଧ୍ୟାପକ ନାହାନ୍ତି। ନିଜସ୍ୱ ଜମି ଅଭାବ ଯୋଗୁଁ ନୂତନ କୋଠା ନିର୍ମାଣ ସମ୍ଭବପର ହେଉନାହିଁ। ଯଦିଓ ଏଥିପାଇଁ ସରକାରୀ ଅନୁଦାନ ଆସି ପଡିରହିଛି। ବର୍ତ୍ତମାନ ସରକାରଙ୍କ ଶିକ୍ଷା ନୀତିରେ ସଂଶୋଧନ ପରେ ଶିକ୍ଷାନୁଷ୍ଠାନ ଗୁଡିକରେ ଖାଲିଥିବା ପଦବୀ ନିଜେ କର୍ତ୍ତୃପକ୍ଷ ପୂରଣ କରିପାରିବେ। ଫଳରେ ଏଠାରେ ଦୀର୍ଘବର୍ଷ ଧରି ଖାଲି ପଡ଼ିଥିବା ୧୧୨ ପଦବୀ ଯେତେଶୀଘ୍ର ପୂରଣ ହୋଇପାରିବ ସେନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କୁଳପତି ପ୍ରଫେସର ଅସୀମା ସାହୁ।

### ବିଶ୍ୱବିଦ୍ୟାଳୟର ତୃତୀୟ ତଥା ପ୍ରଥମ ସ୍ଥାୟୀ ମହିଳା କୁଳପତି ହେଲେ ପ୍ରଫେସର ଅସୀମା ସାହୁ

ପ୍ରଥମ ଦିନରେ ସେ ବିଶ୍ୱବିଦ୍ୟାଳୟର ପୂର୍ବତନ ତଥା ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ ସମେତ କୁଳସଚିବ ପାର୍ବତୀ ମଞ୍ଜରୀ ମହଳିକ, ପିଜି କାଉନସିଲ ଅଧ୍ୟକ୍ଷଙ୍କ ସମେତ ସମସ୍ତ ବିଭାଗର ମୁଖ୍ୟମାନଙ୍କ ସହିତ ଆଲୋଚନା କରି ବିଶ୍ୱବିଦ୍ୟାଳୟର ସ୍ଥିତି ଓ ବିଭିନ୍ନ ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ଓ ଅଭିବୃଦ୍ଧି କ୍ଷେତ୍ରରେ କେବଳ ଛାତ୍ରଛାତ୍ରୀ, କର୍ମଚାରୀ ଅଥବା କର୍ତ୍ତୃପକ୍ଷଙ୍କର ନୁହେଁ ବରଂ ସମସ୍ତଙ୍କ ସହଯୋଗ ଓ ସହଭାଗିତାର ଆବଶ୍ୟକତା ଥିବା ଦର୍ଶାଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନପ୍ରତିନିଧିଙ୍କ ସହିତ ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି। ଅପରପକ୍ଷେ ଚଳିତବର୍ଷ କିଭଳି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଆୟୋଜନ କରାଯିବ ସେନେଇ ଗୁରୁତ୍ୱାରୋପ କରାଯିବ ବୋଲି କୁଳପତି ବିଭାଗୀୟ ମୁଖ୍ୟ ଓ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ପୂର୍ବତନ ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଖୁଣ୍ଟରେ ବନ୍ଧା ଜୀବନ.. ଘରେ ବନ୍ଦୀ ଜୀବନ କାଟୁଛି ନାବାଳକ

ପୋଲସରା,୧୦।୪(ସମିସ)

ଛୁଆଟି ବେଳରୁ ସବୁକିଛି ଠିକ ଥିଲା। ଅନ୍ୟମାନଙ୍କ ପରି ପ୍ରିୟରଞ୍ଜନ ମଧ୍ୟ ସ୍କୁଲ ଯିବା ଆସିବା ଏବଂ ଖେଳକୁଦରେ ପାରମଙ୍ଗ ଥିଲା। ମନରେ ଅନେକ ସ୍ୱପ୍ନ ଭରି ରଖିଥିଲା ଏବଂ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିଲେ ମଧ୍ୟ ବଡ଼ଲୋକ ହେବା ପାଇଁ ସ୍ୱପ୍ନ ଥିଲା। କିନ୍ତୁ ବିଧିର ବିଧାନ ଥିଲା କିଛି ଅଲଗା। ବୟସର ପ୍ରଥମ ସୋପାନରେ ହିଁ ସବୁ ସ୍ୱପ୍ନ ଚୁରମାର ହୋଇଗଲା। ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଗାଁ ଟାଙ୍ଗେରାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ଗାଁର କାଶିଆ ଶବରଙ୍କ ପୁଅ ପ୍ରିୟରଞ୍ଜନ। ଖେଳବୁଲ ଓ ସ୍କୁଲ ଯିବା ବୟସରେ ହଠାତ୍ ତାଙ୍କ ଶରୀର ଅସୁସ୍ଥ ହୋଇ ପଡ଼ିଲା। ମୂଲମଜୁରି ଲାଗୁଥିବା କାଶିଆଙ୍କ ପକ୍ଷେ ଚିକିତ୍ସା ପାଇଁ ଅର୍ଥ ସାଜିଥିଲା ପ୍ରତିବନ୍ଧକ। ଫଳରେ ୧୩ ବର୍ଷର ପୁଅ ପ୍ରିୟରଞ୍ଜନ ଏବେ ବନ୍ଦୀ ଜୀବନ କାଟୁଛି। ଏପରିକି ଚାଳ ଛପର ବାରଣ୍ଡାରେ ଅସହାୟ ଅବସ୍ଥାରେ ହାତଗୋଡ଼ ବନ୍ଧା ହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଛି। ସରକାରଙ୍କ ମାଳ ମାଳ ଯୋଜନା ଥିଲେ ମଧ୍ୟ ପ୍ରିୟରଞ୍ଜନ ପାଇଁ ଏସବୁ ସାତସପନ।

କାଶିଆଙ୍କ କହିବା ପ୍ରକାରେ, ଜନ୍ମରୁ ୭ ବର୍ଷ ପର୍ଯ୍ୟନ୍ତ ପ୍ରିୟରଞ୍ଜନ ସଠିକ୍ ଭାବେ ଚଳାବୁଲା କରୁଥିଲେ। ହେଲେ କରୋନା ସମୟରେ ଭୀଷଣ ଜ୍ୱର ହୋଇଥିଲା। ସେତେବେଳେ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ ଯାଇଥାନ୍ତି କାଶିଆ। ଘରେ ତାର



ମା' ଝଡ଼ାଫୁଙ୍କା କରିବା ସହ ମେଡ଼ିକାଲରେ ଅଳ୍ପ ବହୁତ ଚିକିତ୍ସା କରିଥିଲେ। ହେଲେ ପରେ କୌଣସି କାରଣରୁ ଜ୍ୱର ପ୍ରକୋପରୁ ପ୍ରିୟରଞ୍ଜନ ଶାରୀରିକ ଓ ମାନସିକ ସ୍ତରରେ ରୋଗାକ୍ରାନ୍ତ ହୋଇ ପଡ଼ିଲା। ଆସ୍ତେ ଆସ୍ତେ କହିବା ଆଉ ଶୁଣିବାରେ ମଧ୍ୟ କଷ୍ଟ ଅନୁଭବ କରିଲା। ପୁଅର ଏଭଳି ଅବସ୍ଥା ନେଇ କାଶିଆଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଭଲ ଡାକ୍ତରକୁ ଦେଖାଇ ଉନ୍ନତ ଚିକିତ୍ସା କରାଇବାରେ ଅର୍ଥ ସାଜିଥିଲା ବାଧକ। ପ୍ରିୟରଞ୍ଜନର ଏଭଳି ପରିସ୍ଥିତିକୁ ନେଇ ସାହିରେ କାହର କୌଣସି କ୍ଷତି ନହେବ ସେଥିପାଇଁ ଦୀର୍ଘ ୭ ବର୍ଷ ଧରି ଘରର ଗୋଟିଏ ଖୁଣ୍ଟରେ ପୁଅର ଗୋଡ଼କୁ ଏମିତି ବାନ୍ଧି ରଖିଛନ୍ତି ପରିବାର ଲୋକେ। ତେଣୁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ




ଛତ୍ରପୁର, ୧୦।୪(ସମିସ): ଜିଲ୍ଲା ସଂସ୍କୃତି ଭବନରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅବସରରେ ପାରମ୍ପରିକ କଳାକାରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବାହ୍ନରେ ସାଂସ୍କୃତିକ ଶୋଭାଯାତ୍ରାକୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନରେ ପହଞ୍ଚିଥିଲା। ଏହାପରେ ସଂସ୍କୃତି ଭବନରେ ଲୋକକଳା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଗଂଜାମର ଲୋକକଳା, ଲୋକ ସଂଗୀତ, ଲୋକସଂସ୍କୃତି ସର୍ବଜନବିଦିତ ବୋଲି କହିଥିଲେ। ଏହି ଅବସରରେ ରାମଲୀଳା ନାଟକ କଳାକାର ଶ୍ୟାମସୁନ୍ଦର ପାଣିଗ୍ରାହୀ, ପାଲାଗାୟକ ବାଳକୃଷ୍ଣ ନାୟକ, ଗାହଣା ସୁବାସ ଚନ୍ଦ୍ର ଚୌଧୁରୀ, କୃଷ୍ଣଲୀଳା ଜି ହରିବନ୍ଧୁ, ପଶୁମୁଖା ବାଞ୍ଛାନିଧି ଜେନା, ସୂତାକଣ୍ଢେଇ ବୀଭତ୍ସ ସ୍ୱାଇଁ, ଦାସକାଠିଆ ରବିନାରାୟଣ ଶତପଥୀ, ପ୍ରହ୍ଲାଦ ନାଟକ ବୃନ୍ଦାବନ ଜେନା ଓ ଜନାର୍ଦ୍ଦନ ପ୍ରଧାନ, ଦାଶକାଠିଆ ବାଳକୃଷ୍ଣ ମିଶ୍ର, ଭାରତ ଲୀଳା ନାଟକର ସୁରେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥସାରଥୀ ହାଁସଦା, ବିଡ଼ିଓ ବେଗୁନିଆପଡା ସୁନୀଲ ସାମନ୍ତରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ କୁମାର ପାଢ଼ୀ, ବରିଷ୍ଠ ଲୋକ କଳାକାର, ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବେଗୁନିଆପଡା କଳା ସଂସ୍କୃତି ସଂଘର ଉପସଭାପତି ମହେଶ୍ୱର ବରାଡ଼ ସଂଯୋଜନା କରିଥିଲେ।

## ବୋରିଗାଁରେ ସ୍ୱାସ୍ଥ୍ୟ ଶିବିର




କୁକୁଡାଖଣ୍ଡି,୧୦।୪(ସମିସ): କୁକୁଡାଖଣ୍ଡି ବ୍ଲକ୍ ଅନ୍ତର୍ଗତ ବୋରିଗାଁ ଗ୍ରାମରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏକତା ସମାହିତା ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରଟି ସିଏଚଓ ବନିତା କୁମାରୀ ଗୌଡ ଓ ତାଙ୍କ ଟିମ୍ ଦ୍ୱାରା ପରିଚାଳିତ ହୋଇଥିଲା। ସମାହିତା କର୍ମଚାରୀ ନିଶିକାନ୍ତ ମହାପାତ୍ର ସହ ସିସିଓସିଏଫ ଦଳଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଶିବିରରେ ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ରକ୍ତଚାପ ଓ ଡାଇବେଟିସ୍ ଯାଞ୍ଚ ସହିତ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ଏପରି ସ୍ୱାସ୍ଥ୍ୟ ଶିବିର ଗ୍ରାମ ଅଞ୍ଚଳରେ ସଚେତନତା ବୃଦ୍ଧି କରିବା ସହ ଲୋକମାନଙ୍କୁ ସମୟୋପଯୁକ୍ତ ଚିକିତ୍ସା ସୁବିଧା ପ୍ରଦାନରେ ବିଶେଷ ଭୂମିକା ନେଉଛି।

## ଏନ୍‌ଏସ୍‌ଏସ୍‌ର ସଚେତନତା କାର୍ଯ୍ୟକ୍ରମ

ଆସିକା,୧୦।୪(ସମିସ): ଆସିକା ମେକ ମାଇକେଲ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ସ୍ୱତନ୍ତ୍ର ସଚେତନ ସଭା ଅନୁଷ୍ଠିତ ହୋଇଥିଲ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଜାତୀୟ ସେବା ସଂସ୍ଥାର ଅଧିକାରୀ ଡା.ସନାତନ ପଣ୍ଡା ଛାତ୍ରଛାତ୍ରୀମାନେ କିପରି ସ୍ୱଳ୍ପ ଅର୍ଥ ବ୍ୟୟରେ ନିଜର ଦକ୍ଷତା ବିକାଶ କରିପାରିବେ ତାହା ବୁଝାଇଥିଲେ। ରେଡ଼କ୍ରସ ଅଧିକାରୀ ବାବାନାଥ ମିଶ୍ର, ସୁନୀଲ ମିଶ୍ର, ଓଡିଆ ଅଧାପିକା କବିତା କୁମାରୀ ଦାଶ ଓ ଶିଶିର କୁମାର ମିଶ୍ର ଏବଂ ଟୁନା ମହାରଣା ଉପସ୍ଥିତ ଥିଲେ।

## ବଡ଼ ଓ ସାନଭାଇକୁ ଆକ୍ରମଣ ଘଟଣା ମଝିଆ ଭାଇ ଓ ପତ୍ନୀ ଗିରଫ

ବୁଗୁଡା,୧୦।୪(ସମିସ): ବୁଗୁଡ଼ା ବ୍ଲକ ଗୋଳିଆ ପଞ୍ଚାୟତ ଅନ୍ତର୍ଗତ ବାଦୁଆ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବଡ ଓ ସାନ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରି ମଝିଆ ଭାଇ ସସ୍ତ୍ରୀକ ଗିରଫ ହୋଇଛନ୍ତି। ଗିରଫ ଦ୍ୱୟ ହେଲେ ପଞ୍ଚୁ ଓରଫ ପ୍ରଫୁଲ ଗୌଡ଼(୫୪) ଏବଂ ତାଙ୍କର ସ୍ତ୍ରୀ ବିଷ୍ଣୁପ୍ରିୟା ଗୌଡ଼(୩୪)। ଗୁରୁତର ଦୁହେଁ ହେଲେ ବଡ଼ଭାଇ ଧୋବ ଗୌଡ (୫୭) ଓ ସାନ ଭାଇ ଦୁର୍ଯ୍ୟ ଗୌଡ (୫୦)। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ପ୍ରକାଶ ଯେ, ପୂର୍ବରୁ ତିନି ଭାଇଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଶତ୍ରୁତା ରହିଥଲା। ଗତ ଗୁରୁବାର ସନ୍ଧ୍ୟାରେ ପଞ୍ଚୁଙ୍କ ଘର ସମ୍ମୁଖରେ ଧୋବା ଓ ଦୁର୍ଯ୍ୟ କଥାବାର୍ତ୍ତା ହେଉଥିବା ବେଳେ ପଞ୍ଚୁ ପଛପଟୁ ଆସି ଦୁଇ ଭାଇଙ୍କୁ ଏକ କୋଦାଳରେ ମରଣାନ୍ତକ ଆକ୍ରମଣ କରିଥିଲା। ଆକ୍ରମଣରେ ଆହତ ଦୁଇ ଭାଇଙ୍କୁ ପୁଲିସ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲା। ପରେ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। କୋମାରେ ଥିବା ବଡ଼ଭାଇ ଧୋବାର ଅବସ୍ଥା ଅତି ସଂକଟାପନ୍ନ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାର ତଦନ୍ତ କରି ମଝିଆ ଭାଇ ପଞ୍ଚୁ ଓ ତାଙ୍କର ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କୋଦାଳ ଜବତ କରିଛି।

## 'ଆମେ ଜାଣିବା ଆମ ବଜେଟ୍' କାର୍ଯ୍ୟକ୍ରମ
## ଓଡିଆ ଅର୍ଥନୀତିର ଆକାର ୯.୮୮ ଲକ୍ଷ କୋଟି

ଛତ୍ରପୁର,୧୦।୪(ସମିସ): ଉଚ୍ଚଶିକ୍ଷା ବିଭାଗର କମିଶନର ଏବଂ ଗଞ୍ଜାମ ଜିଲ୍ଲା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ 'ଆମେ ଜାଣିବା ଆମ ବଜେଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ବଜେଟ୍ ୨୦୨୬-୨୭ରେ ଆର୍ଥିକ ଦୁର୍ବଳ, ଯୁବକ ଯୁବତୀ, ଅନ୍ନଦାତା ଓ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ଓଡିଶାର ଅର୍ଥନୀତିର ଆକାର ୯.୮୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୫-୨୬ରେ ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ବୋଲି ଶ୍ରୀ




ଅଗ୍ରୱାଲ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ସମସ୍ତ ସଂଗଠନର କର୍ମକର୍ତ୍ତା, କ୍ଷେତ୍ରସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଗ୍ରଣୀ ସାମାଜିକ ଓ ବ୍ୟବସାୟିକ ସଂଗଠନର କର୍ମକର୍ତ୍ତା ଯଥା ସୀମାଞ୍ଚଳ ନାହାକ, କେ. ଏଲେୟା, ଡାକ୍ତର ସୁନୀଲ କୋଟା, ସଞ୍ଜୀବ ରେଡୀ, ଏ ଟଙ୍କଧର ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମ କମିଶନର କୁମାରୀ ଆକବରମ୍ ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲାର ସମସ୍ତ ସାମାଜିକ ଓ ବ୍ୟବସାୟୀକ ସଂଗଠନର କର୍ମକର୍ତ୍ତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଶାସନ ପକ୍ଷରୁ କଳାକାରଙ୍କୁ ସମ୍ବର୍ଦ୍ଧନା



ଭଞ୍ଜନଗର,୧୦।୪(ସମିସ): ଲୋକ କଳାର ବ୍ୟାପକ ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସ୍ଥାନୀୟ ଲୋକ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଏସ୍‌ଏସ୍‌ଓ ସାନୁଜ ନାୟକ, ମଙ୍ଗଳ ସଂପ୍ରସାରଣ ଅଧିକାରୀ, ମୁଖ୍ୟ କିରାଣି ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲୋକକଳାର ପ୍ରଚାର ପ୍ରସାର ଦିଗରେ ସ୍ଥାନୀୟ କଳାକାର ମାନେ ଯେଉଁଭଳି ଦକ୍ଷତା ଦେଖାଇ ଆସିଛନ୍ତି ତାହା ପ୍ରଶଂସାଯୋଗ୍ୟ ବୋଲି କହିଥିଲେ। ବିଶେଷ କରି ଏହି ମାଟିର ଅନ୍ୟତମ ଲୋକ କଳାକାର ସଂସ୍କୃତି ରତ୍ନ ନାରାୟଣ ମହାରଣା ନିଜ ପଶୁମୁଖା ନୃତ୍ୟ ଦଳ ସହ ବିଦେଶ ମାଟିରେ ଏହାକୁ ପ୍ରଦର୍ଶିତ କରିବା ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ ବୋଲି ଏବିଡିଓ ପାଢୀ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ନାରାୟଣ ମହାରଣାଙ୍କ ସମେତ ଘୁମୁସର ମାଟିର ୧୦ ଜଣ ଲୋକ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନିଖୋଜ ବୃଦ୍ଧଙ୍କ ଗଳିତ ଶବ ଉଦ୍ଧାର

ଦିଗପହଣ୍ଡି,୧୦।୪(ସମିସ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କଇଠଖଣ୍ଡି ଗ୍ରାମର ହରି ସାହୁ ବୁଧବାର ଅପରାହ୍ନରେ ଘୋଡାହାଡ଼ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇ ଯାଇଥିଲେ। ନିଖୋଜର ୪୦ ଘଣ୍ଟା ପରେ ଶୁକ୍ରବାର ସକାଳେ ତାଙ୍କ ଗଳିତ ଶବ ନଦୀଗଣ୍ଡରୁ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଛି। ହରି ବୁଧବାର ଅପରାହ୍ନ ୨ଟାରେ ନଦୀଗଣ୍ଡକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଶୁକ୍ରବାର ସକାଳ ୬ଟାରେ ଗ୍ରାମର କିଛି ଲୋକ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ହରିଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଶବ ଉଦ୍ଧାର କରି ଦିଗପହଣ୍ଡି ମେଡିକାଲ ନେଇଥିଲେ। ଏନେଇ ଏତଲା ହେବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଅପରାହ୍ନରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି।

## ସ୍କୁଟି ସହ ବାଇକ୍ ଧକ୍କା ଜଣେ ମୃତ

ଧରାକୋଟ,୧୦।୪(ସମିସ): ଧରାକୋଟ ବ୍ଲକ ତଥା ବଡଗଡ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଶାସନ ଛକରେ ଶୁକ୍ରବାର ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତକ ହେଲେ ରୁଗୁମୁ ପଞ୍ଚାୟତ କାନଗିରିଡି ଗ୍ରାମର ଅଭିରାମ ସେଠୀଙ୍କ ପୁଅ ଚନ୍ଦନ ସେଠୀ (୨୨)। ସେ ନିଜ ସ୍କୁଟିରେ ମୁକ୍ତାପୁଞ୍ଜି ଗ୍ରାମରୁ ଦଣ୍ଡନାଚ ଦେଖି ଅପରାହ୍ନ ୨ଟାରେ ଗାଁକୁ ଫେରୁଥିଲେ। ଏହି ସମୟରେ ରୁଗୁମୁ ପଟୁ ଆସିକା ଆଡ଼କୁ ଏକ ବାଇକ ଯୋଗେ ୩ଜଣ ଯୁବକ ଯାଉଥିବା ବେଳେ ଜଗନ୍ନାଥପୁର ଶାସନ ଛକରେ ଚନ୍ଦନକୁ ଧକ୍କା ଦେଇ ପଳାଇଥିଲେ। ଅସହ୍ୟ ଖରାରେ ଚନ୍ଦନ ପଡ଼ିରହିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଗୁରୁତର ଯୁବକଙ୍କୁ ପ୍ରଥମେ ଧରାକୋଟ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀଙ୍କ ପତ୍ତା ମିଳିନଥିବା ବେଳେ ବଡ଼ଗଡ଼ ପୁଲିସ ଅନୁସନ୍ଧାନ ଜାରି ରଖିଛି।

## ଅଚିହ୍ନା ଶବର ମିଳିଲା ପରିଚୟ

ସୋରଡ଼ା,୧୦।୪(ସମିସ): ଗୁରୁବାର ସୋରଡ଼ା ଜଳଭଣ୍ଡାରରେ ଜଣେ ଅଜଣା ଯୁବକଙ୍କ ଶବ ଭାସୁଥିଲା। ଶୁକ୍ରବାର ପୁଲିସ ଓ ଅଗ୍ନିଶମ ବାହିନୀ ଶବ ଉଦ୍ଧାର କରିବା ପରେ ଏହାର ପରିଚୟ ମିଳିଛି। ସେ ହେଉଛନ୍ତି ସୋରଡ଼ାର ବାବୁଲା ବେହେରା(୩୫)। ବାବୁଲା ମାନସିକ ବିକୃତ ଥିଲେ। ସେ ତାଙ୍କ ମା' ଶାନ୍ତି ବେହେରାଙ୍କ ସହ ଝଗଡ଼ା କରି ଗତ ସୋମବାର ବିଳମ୍ବିତ ରାତ୍ରିରେ କେଉଁଆଡେ ପଳାଇଥିଲା। ଶୁକ୍ରବାର ସକାଳେ ପୁଲିସ ଠାରୁ ଖବର ପାଇ ଶାନ୍ତି ଆସି ଶବଟିକୁ ଚିହ୍ନଟ କରିଥିଲେ। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ତିନି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



କବିସୂର୍ଯ୍ୟନଗର,୧୦।୪(ସମିସ): କବିସୂର୍ଯ୍ୟନଗର ବ୍ଲକର ତିନୋଟି ଗ୍ରାମ୍ୟ ଉନ୍ନୟନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଏହି ସବୁ ରାସ୍ତା ଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କବିସୂର୍ଯ୍ୟନଗର ଠାରୁ ନୂଆକନ୍ଧ ଖରିଡ଼ା ଭାୟା ଗଙ୍ଗାପୁର ରାସ୍ତାର ସଂଯୋଗୀକରଣ, ରାଜ୍ୟ ରାଜପଥ-୩୦ ଅର୍ଜୁନପଲ୍ଲୀ ଠାରୁ ଇବିପୁର ରାସ୍ତା ଓ ପୂର୍ତ୍ତବିଭାଗ ରାସ୍ତାଠାରୁ ରତ୍ନପୁର ଏନ୍‌ଆର ବରଗଡ଼ ରାସ୍ତା ରହିଛି। କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ସେଠୀ, ଆର୍‌ଡ଼ି ଜେଇ ଗିରିଶ ଚନ୍ଦ୍ର ନାୟକ, ଏସଡିଓ, ବୁଢ଼ାମ୍ବ ସମିତି ସଭ୍ୟ ପ୍ରତିନିଧି ଚନ୍ଦ୍ର ଶେଖର ପ୍ରଧାନ, ବଡ଼ମହୁରି ସରପଞ୍ଚ ନାରାୟଣ ବେହେରା, ବୁଢ଼ାମ୍ବ ମଣ୍ଡଳ ସଭାପତି ବାବୁରାମ ବିଷୋୟୀ, ବାଉଁଶିଆ ସରପଞ୍ଚ ପ୍ରତିନିଧି ଗୌତମ ବୁଟୁ ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନବ ବିଶ୍ୱାଳ, କିରଣ ବେହେରା, ଦଣ୍ଡଭାଇ, ବିଶ୍ୱଜିତ ମହାପାତ୍ର, ଶଙ୍କର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପୌର ପରିଷଦ ପକ୍ଷରୁ କଳାକାରଙ୍କୁ ସମ୍ବର୍ଦ୍ଧନା



ପୋଲସରା,୧୦।୪(ସମିସ): ପୋଲସରା ପୌର ପରିଷଦ ପକ୍ଷରୁ ଚାଲୁ ରହିଥିବା ଓଡ଼ିଆ ପକ୍ଷ ଦଶମ ଦିନରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୨୬ ଜଣ ଆଞ୍ଚଳିକ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୌରପରିଷଦ ଅଧ୍ୟକ୍ଷା ସଙ୍ଗୀତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା ମଞ୍ଚାସୀନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ସଚିନ୍ଦ୍ର ମଲିକ, ରିତୁ ବେହେରା, ସୁକାନ୍ତି ସାହୁ, ରବୀନ୍ଦ୍ର ବେହେରା, ଟୁଟୁ ପ୍ରଧାନ, ବବିତା ମହାପାତ୍ର, ଯଜ୍ଞ ନାରାୟଣ ସାହୁ, ଗୀତାଞ୍ଜଳି ସାହୁ, ଲକ୍ଷ୍ମୀ ପାତ୍ର, ରିତା ସେଠି, ସମେତ ସମସ୍ତ କାଉଁସିଲର ଓ କର୍ମଚାରୀ ଯୋଗଦେଇଥିଲେ। କ୍ଷେତ୍ର ପରିଦର୍ଶକ ଭଗବାନ ପ୍ରଧାନଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଚାଲିଥିଲା ବେଳେ ଆସନ୍ତା ମଇ ମାସ ୧୬ ତାରିଖ ଠାରୁ ପୌର ପରିଷଦ ପକ୍ଷରୁ ଘରକୁ ଘର ବୁଲି ଆରମ୍ଭ କରାଯିବାକୁ ଥିବା ଜନଗଣନା-୨୦୨୭ ସକାଶେ ଉପସ୍ଥିତ କଳାକାର ମାନଙ୍କୁ ଚିରିକୁଟ ଏବଂ ରୁପେଲି ପରଦା ମାଧ୍ୟମରେ ସଚେତନ କରାଯାଇଥିଲା।

## ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୧୯୫୩ର ବିକ୍ରୟ କବଲା ବଳବତ୍ତର; ହଟିବେ ଜବରଦଖଲକାରୀ

ବ୍ରହ୍ମପୁର,୧୦।୪(ସମିସ)

ସତ୍ୱାଧିକାର ଏବଂ ରାଜସ୍ୱ ରେକର୍ଡ ସଂଶୋଧନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ଛତ୍ରପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ପ୍ରଦୀପ କୁମାର ସାମଲ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ନିମ୍ନ ଅଦାଲତଙ୍କ ରାୟକୁ ରଦ୍ଦ କରି ମାନ୍ୟବର ଅଦାଲତ ଆବେଦନକାରୀଙ୍କ ମାଲିକାନା ସତ୍ୱକୁ ସ୍ୱିକୃତୀ ଦେବା ସହ ଜବରଦଖଲକାରୀଙ୍କୁ ତୁରନ୍ତ ସ୍ଥାନ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ମାମଲାରୁ ପ୍ରକାଶ ଯେ, ନରେନ୍ଦ୍ରପୁର ଓ ଆମ୍ବପୁଆ ମୌଜାରେ ଥିବା କିଛି ଘରବାରି ଜମିକୁ ନେଇ ଶ୍ରୀମତୀ ବାସନ୍ତୀ ପାଢ଼ୀ ଓ ଅନ୍ୟମାନେ ୨୦୧୫ମସିହାରେ ଏକ ସିଭିଲ୍ ସୁଟ୍ ଦାୟର କରିଥିଲେ। ଆବେଦନକାରୀଙ୍କ ଅଭିଯୋଗ ଥିଲା ଯେ, ୨୦୧୩ମସିହାରେ ରାସ୍ତା ପ୍ରଶସ୍ତିକରଣ ସମୟରେ କିଛି ସ୍ଥାନୀୟ ବ୍ୟବସାୟୀ ସେମାନଙ୍କ ନିଜସ୍ୱ ଜମି ଉପରେ କ୍ୟାବିନ ପକାଇ ଜବରଦଖଲ କରିଛନ୍ତି। ଅନ୍ୟପଟେ ପ୍ରତିପକ୍ଷଙ୍କ ଯୁକ୍ତି ଥିଲା ଯେ, ଉକ୍ତ ଜମି ଜଳସେଚନ ବିଭାଗର ଏବଂ ସେମାନେ ଦୀର୍ଘ ଦିନ ଧରି ସେଠାରେ ବ୍ୟବସାୟ କରି ଆସୁଛନ୍ତି। ପୂର୍ବରୁ ନିମ୍ନ ଅଦାଲତ ଏହି ମାମଲାକୁ ଖାରଜ କରିଦେଇଥିଲେ। କିନ୍ତୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଅପିଲ୍ ପରେ ସମସ୍ତ ଦସ୍ତାବିଜର ପୁନଃ ଯାଞ୍ଚ କରାଯାଇଥିଲା। ଅଦାଲତ ଜାଣିବାକୁ ପାଇଲେ ଯେ, ୧୯୫୩ମସିହାର ଏକ ପଞ୍ଜିକୃତ ବିକ୍ରୟ କବଲା (ନଂ-୨୧୦୩) ଅନୁଯାୟୀ ଆବେଦନକାରୀଙ୍କ ପୂର୍ବପୁରୁଷ ଉକ୍ତ ଜମିକୁ କ୍ରୟ କରିଥିଲେ। ତେବେ ୧୯୭୬ମସିହା ବନ୍ଦୋବସ୍ତ ସମୟରେ ମାଲିକଙ୍କ ଅନୁପସ୍ଥିତି ଯୋଗୁଁ ଭୁଲବଶତଃ ଉକ୍ତ ଜମିକୁ ଜଳସେଚନ ବିଭାଗ ନାମରେ ରେକର୍ଡ କରାଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ରାଜସ୍ୱ କର୍ତ୍ତୃପକ୍ଷ ସଂଶୋଧନ କରିଥିଲେ। ମାନ୍ୟବର ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ଯେ, ୧୯୫୩ମସିହାର ବିକ୍ରୟ କବଲା ଏବଂ ସଂଶୋଧିତ ରେକର୍ଡ ଅନୁଯାୟୀ ବାସନ୍ତୀ ପାଢ଼ୀ ଓ ଅନ୍ୟମାନେ ହିଁ ଜମିର ପ୍ରକୃତ ମାଲିକ। ପ୍ରତିପକ୍ଷମାନେ ସରକାରୀ ଜମି ଭାବି ସେଠାରେ ରହିଥିଲେ ହେଁ ଆଇନଗତ ଭାବେ ସେମାନେ ଜବରଦଖଲକାରୀ ଅଟନ୍ତି। ଏହି ମାମଲାରେ ସରକାର କିମ୍ବା ଜଳସେଚନ ବିଭାଗକୁ ପକ୍ଷଭୁକ୍ତ କରିବାର ଆବଶ୍ୟକତା ନାହିଁ, କାରଣ ରାଜସ୍ୱ ବିଭାଗ ପୂର୍ବରୁ ନିଜର ଭୁଲ୍ ସୁଧାରି ସାରିଛି। ଅଦାଲତ ଆବେଦନକାରୀଙ୍କ ସପକ୍ଷରେ 'ମାଣ୍ଡେଟୋରୀ ଇଞ୍ଜଙ୍କସନ୍' ଜାରି କରିଛନ୍ତି। ବିରୋଧୀ ପକ୍ଷଙ୍କୁ ନିଜ ଖର୍ଚ୍ଚରେ ୩ମାସ ମଧ୍ୟରେ ଉକ୍ତ ସ୍ଥାନରୁ କ୍ୟାବିନ ଓ ଅସ୍ଥାୟୀ ନିର୍ମାଣ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ଆବେଦନକାରୀ ଅଦାଲତଙ୍କ ଜରିଆରେ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିପାରିବେ ବୋଲି ରାୟରେ ସ୍ପଷ୍ଟ ଉଲ୍ଲେଖ ଥିବା ଆବେଦନକାରୀଙ୍କ ଓକିଲ ନନ୍ଦ କିଶୋର ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ କ୍ଷତିପୂରଣ ବାବଦରେ ଆବେଦନକାରୀଙ୍କ ଦାବିକୁ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ନନ୍ଦ କିଶୋର ତ୍ରିପାଠୀ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଆଲୋଚନାସଭା
# ଭାଲିଡେସନ୍ ଆଇନକୁ ବିରୋଧ

ଦିଗପହଣ୍ଡି,୧୦।୪(ସମିସ): ଦିଗପହଣ୍ଡି ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଡ. ଯୁଧିଷ୍ଠିର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଅଶେଷ ନାଥ ମିଶ୍ର ନିମନ୍ତ୍ରିତ ଅତିଥିଭାବେ ମଞ୍ଚାସିନ ଥିଲେ। ସଂଘର ବରିଷ୍ଠ ସଦସ୍ୟା ସୁଷମା ପାଠୀ କେନ୍ଦ୍ର ସରକାରଙ୍କ ଘୋଷିତ ଭେଲିଡେସନ ଆକ୍ଟ ବିରୋଧରେ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ କେ.ନାଗେଶ୍ୱର ରାଓ ଗତ ବୈଠକରେ ଗୃହୀତ ବିବରଣୀ ପାଠ କରିବା ସହ ସଂଘର ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରିଥିଲେ। ଗତ ୨୦୨୫ ମାର୍ଚ୍ଚ ୨୫ ତାରିଖରେ କେନ୍ଦ୍ର ସରକାର ସଂସଦରେ ଅର୍ଥ ବିଲ ପାରିତ



ସମୟରେ ତରବରିଆ ଭାବେ ଭେଲିଡେସନ୍ ଆକ୍ଟ ପାରିତ କରାଇଥିଲେ। ଯାହାକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହି ଅବସରରେ ସଂଘର ଉପସଭାପତି ସୁବାଷ ଚନ୍ଦ୍ର ପାଢୀ, ସହ ସମ୍ପାଦକ ଭବାନୀ ପ୍ରସାଦ ପାଢ଼ୀ, କାର୍ଯ୍ୟକର୍ତ୍ତା ପଦ୍ମଚରଣ ମେକାପ, ସୁଷମା ପାଠୀ, ଭାସ୍କର ପାଢ଼ୀ, ଜନାର୍ଦ୍ଦନ ପଣ୍ଡା, ବସନ୍ତ ପଟ୍ଟନାୟକ, ଗୌରହରି ପାତ୍ର, ଅମୂଲ୍ୟ ଦୋରା, ରାଜ କିଶୋର ଚୌଧୁରୀ ପ୍ରମୁଖ ସଂଘର ୪୩ ଜଣ ସଦସ୍ୟ ଉପସ୍ଥିତ ଥିଲେ। ପଦ୍ମଚରଣ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଦିମଡ଼ା ବାବୁଙ୍କ ଉପରେ ସରକାରୀ ଛାଟ

## ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେଉ ନ ଥିବାରୁ ଗୁରୁତ୍ୱ ଦେଉନାହାନ୍ତି ଅଧିକାରୀ

ବ୍ରହ୍ମପୁର, ୧୦।୪(ସମିସ)

ସରକାରଙ୍କ ବଦଳି ନିର୍ଦ୍ଦେଶନାମା ଭେଳିକି। ବାରମ୍ବାର ବିଜ୍ଞପ୍ତି ପ୍ରକାଶ ସତ୍ତ୍ୱେ ତାହା କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳିଛି। ଯଦ୍ୱାରା ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ବଦଳି ଆଦେଶକୁ ନେଇ ବେପରୁଆ ମନୋଭାବ ପ୍ରଦର୍ଶନ କରୁଛନ୍ତି। ସମ୍ପ୍ରତି ପୁଣି ରାଜ୍ୟ ସରକାରଙ୍କ ପକ୍ଷରୁ ବଦଳିକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାପଡ଼ିଛି। କୌଣସି ସରକାରୀ ଅଧିକାରୀ ଅଥବା କର୍ମଚାରୀ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଊର୍ଦ୍ଧ୍ୱ କାଳ ଏବଂ ଗୋଟିଏ ସ୍ଥାନରେ ୩ବର୍ଷ ଧରି ଅବସ୍ଥାପିତ ହେବା ଉପରେ କଟକଣା ଜାରି କରାଯାଇଥିବା ଜଣାପଡ଼ିଛି। ତେବେ ସବୁ ଦିଗରୁ ବ୍ରହ୍ମପୁର ତଥା ଗଞ୍ଜାମ ଜିଲ୍ଲାର ବିଭିନ୍ନ ବିଭାଗରେ ଏହାର ବ୍ୟତିକ୍ରମ ହୋଇଥିବା ଦେଖିବାକୁ ମିଳୁଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ତଥା ଡିଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ମର୍ମରେ ଜାରି ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଗୋଟିଏ ସ୍ଥାନରେ ଏକାଧିକ କାଳ କାର୍ଯ୍ୟକଲେ ଦୁର୍ନୀତିଗ୍ରସ୍ତ ହେବାର ଆଶଙ୍କା ରହିଥିବା ଦୃଷ୍ଟିରୁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ଯାହାକୁ ନେଇ ବିଧାନସଭା ଗୃହ ବିଭାଗର ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ଆଲୋଚନା ପରେ ନୀତିଗତ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

ତେବେ ଦକ୍ଷିଣାଞ୍ଚଳ ପୁଲିସ ରେଞ୍ଜରେ ତଥା ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ପୂର୍ବରୁ ଏକାଧିକ ଥର ବଦଳି ବିଜ୍ଞପ୍ତି ପାଇଥିଲେ ହେଁ ସେଗୁଡ଼ିକୁ କାର୍ଯ୍ୟକାରୀ କରାଯିବାରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି। କେତେବେଳେ ବ୍ୟକ୍ତିଗତ ଭାବେ ତ ଆଉ କେତେବେଳେ ସାମୂହିକ ଭାବେ ବଦଳି ଆଦେଶରେ ପରିବର୍ତ୍ତନ ଅଥବା ପ୍ରତ୍ୟାହୃତ ହୋଇଥିବା ନଜିର ରହିଛି। ଯଦ୍ୱାରା ପୂର୍ବରୁ ବଦଳି ତାଲିକାରେ ସ୍ଥାନ ପାଇଥିବା ଅନେକ ଅଧିକାରୀଙ୍କୁ ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ ଏପରିକି ଗୋଟିଏ ଜିଲ୍ଲାରେ କାର୍ଯ୍ୟରତ ଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ସମ୍ପ୍ରତି ଟାଉନ ଥାନାର କାର୍ଯ୍ୟରତ ସବଇନ୍ସପେକ୍ଟର ରଞ୍ଜିତ ଦାଶଙ୍କର ଜରଡ଼ା ଥାନାକୁ ବଦଳି ସତ୍ତ୍ୱେ ସେ ଏଠାରେ କାର୍ଯ୍ୟରତ ଥିବା ବେଳେ ବୈଦ୍ୟନାଥପୁର ଥାନାରେ ଏଏସ୍ଆଇ ଗିରିଗୋବର୍ଦ୍ଧନ ଜେନାଙ୍କ ସମେତ ଏଏସଆଇ ପି. କେ. ବେହେରାଙ୍କୁ ନିୟମିତ ଭାବେ ଉକ୍ତ ଥାନାରେ କାର୍ଯ୍ୟରତ ଥିବା ଦେଖିବାକୁ ମିଳୁଛି। ସେହିଭଳି ଗୋପାଳପୁର ଥାନାର ବି. ତିରୁପତିଙ୍କର ଦିଗପହଣ୍ଡି ଥାନାକୁ ବଦଳି ହୋଇଥିବା ବେଳେ ସେ ମଧ ଗୋପାଳପୁର ଥାନାରେ କାର୍ଯ୍ୟରତ ଅଛନ୍ତି। କେବଳ ପୁଲିସ ବିଭାଗରେ ଯେ ବଦଳି ନିୟମକୁ ବା ନିର୍ଦ୍ଦେଶନାମାକୁ ନେଇ ଏଭଳି ବ୍ୟତିକ୍ରମ ରହିଛି ଏହା ନୁହେଁ ବରଂ ରାଜସ୍ୱ ବିଭାଗ, ନଗର ଉନ୍ନୟନ ଓ ପୂର୍ତ୍ତବିଭାଗ ସମେତ ଅନ୍ୟାନ୍ୟ ବିଭାଗରେ ମଧ ଦେଖିବାକୁ ମିଳୁଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ପ୍ରକାରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟରେ ଜନୈକା ଓଏଏସ୍ ଅଧିକାରୀ ମାନିକା ପ୍ରିୟଦର୍ଶିନୀ ଗତ ୨୦୧୮ ମସିହାରୁ ଆଜି ଦୀର୍ଘ ୭ବର୍ଷରୁ ଊର୍ଦ୍ଧ୍ୱ କାଳ ଅବସ୍ଥାପିତ ଥିବା ଜଣାପଡ଼ିଛି। ସେହିଭଳି ଜିଇଡି ବିଭାଗ ଅଧିନରେ ଥିବା ତଥା ଏମକେସିଜି ମେଡିକାଲ ଦାୟିତ୍ୱରେ ଥିବା ଜନୈକା ମହିଳା ଯନ୍ତ୍ରୀ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ଥିବାବେଳେ ତାଙ୍କର ନିକଟରେ ଅନ୍ୟତ୍ର ବଦଳି ହୋଇଥିଲା। ତେବେ ସେ ଜଣେ କରିତକର୍ମା ହୋଇଥିବାରୁ ତାଙ୍କର ବଦଳିକୁ ବାତିଲ କରି ସେ ପୁଣି ବ୍ରହ୍ମପୁରକୁ ଫେରିବା ସହିତ ପୁନଃ ଏମକେସିଜି ମେଡିକାଲ ଦାୟିତ୍ୱରେ ଥିବା ଜଣାପଡ଼ିଛି। ସେହିଭଳି ବ୍ରହ୍ମପୁର ଦୁର୍ନୀତି ନିବାରଣ ବିଭାଗରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଡିଏସପିଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀଙ୍କ ମଧ୍ୟରୁ ଅନେକ ଏଠାରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଜନୈକ ଡିଏସପି ଶରତ କୁମାର ସାହୁଙ୍କ ନାମ ଚର୍ଚ୍ଚାରେ ରହିଛି। ଜିଲ୍ଲାରେ ଏଭଳି ବିଭିନ୍ନ ବିଭାଗରେ ବହୁ ଅଧିକାରୀ ଓ କର୍ମଚାରୀ 'କୋଳି ଖାଇ ମଞ୍ଜି ପୋତିବା' ସଦୃଶ ରହିଥିବା ବେଳେ ନିଜର ଗାଦି ବା ଚୌକି ଛାଡିବାକୁ ପ୍ରସ୍ତୁତ ନଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଦୁର୍ନୀତି ମୁକ୍ତ ସମାଜ ଗଠନ ନେଇ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହେବ ଯେତେବେଳେ ଗୋଟିଏ ସ୍ଥାନରେ ଏକାଧିକ ବର୍ଷ କାର୍ଯ୍ୟରତ ଜଣେ ଅଧିକାରୀ ବା କର୍ମଚାରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଜରୁରୀ। ଏଣୁ ସରକାରୀ ସ୍ତରରେ ନିଆଯାଇଥିବା ନିର୍ଦ୍ଦେଶନାମା ଲୋକଦେଖାଣିଆ ନକରି ବରଂ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଝାମି ଗ୍ରାମ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଆଲୋଚନା



ପାରଳାଖେମୁଣ୍ଡି, ୧୦।୪(ସମିସ): ଗୁମ୍ମା ବ୍ଲକ ଅନ୍ତର୍ଗତ ଝାମୀ ଗ୍ରାମକୁ ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମର ମୁଖ୍ୟତଃ ରାସ୍ତା କାମ ସହ ନାଳ ନଥିବାରୁ ଗ୍ରାମବାସୀ ନାହିଁ ନ ଥିବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ ନେଇ ତୁରନ୍ତ ପଦେକ୍ଷପ ନେଇ ରାସ୍ତା, ନାଳ ଓ ପିଇବା ପାଣି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ।

ସେହିପରି ବହୁ ପ୍ରତିକ୍ଷୀତ ମା ଠାକୁରାଣୀ ମନ୍ଦିର ନିର୍ମାଣ କରାଯିବା ପାଇଁ ଯୋଜନା କରିଥିଲେ ଗ୍ରାମବାସୀ। ଆର୍ଥିକ ଅସୁବିଧା ପାଇଁ ମନ୍ଦିର ନିର୍ମାଣ ହୋଇ ପାରିନଥିଲା। କିଛିଦିନ ପୂର୍ବେ ଗ୍ରାମବାସୀ ଏକତ୍ର ହୋଇ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ କିଛିଦିନ ମଧ୍ୟରେ ମା ଠାକୁରାଣୀଙ୍କ ମନ୍ଦିର ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ବର୍ତ୍ତମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ବେଳେ, ଆଜି ବିଧାୟକ କାର୍ଯ୍ୟର ସମୀକ୍ଷା କରିଥିଲେ। ଆଜି ବିଧାୟକ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ ଜଣାଇଥିଲେ ଓ ଗ୍ରାମର ସମସ୍ତ ସମସ୍ୟା ବିଷୟରେ ଅବଗତ କରିଥିଲେ।

## ଚୋରାବାଲି ବୋଝେଇ ଟିପ୍ପରରୁ ୪ ଲକ୍ଷ ଟଙ୍କା ଜରିମାନା ଆଦାୟ

ପାରଳାଖେମୁଣ୍ଡି, ୧୦।୪(ସମିସ): ଗଜପତି ଜିଲ୍ଲା ଖଣି ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡା ଅଞ୍ଚଳରେ ଚୋରା ବାଲି ଚାଲାଣ ଖଛଖଗ ୪୯ ଟିପ୍ପରକୁ ଜବତ କରାଯାଇଛି। ଆଜି ସକାଳେ ଟିପ୍ପରରେ ବାଲି ଚୋରାଚାଲାଣ କରାଯାଉଥିବା ଖବର ପାଇଥିଲା ବିଭାଗ। ତୁରନ୍ତ ଖଣି ବିଭାଗ ଅଧିକାରୀ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଟିପ୍ପରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟର ବାଲି ଚାଲାଣ ସମ୍ବନ୍ଧୀୟ କୌଣସି ଦସ୍ତାବିଜ ଦେଖାଇପାରିନଥିଲା ଟିପ୍ପର ଚାଳକ। ଟିପ୍ପରକୁ ଅଟକ ରଖାଯାଇ ୪ ଲକ୍ଷ ଟଙ୍କା ଜରିମାନା ଭରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଟିପ୍ପର ମାଲିକ ଜଣକ ଠାରୁ ୪ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବା ପରେ ଅଟକ ରଖାଯାଇଥିବା ଟିପ୍ପରକୁ ଛାଡିଦେଇଥିବା ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା ସୂଚନା ଦେଇଛନ୍ତି। ଏହି ବାଲି କେ.ସୀତାପୁର ଅଞ୍ଚଳରୁ ବେତାଗୁଡା ସ୍ଥିତ ଏକ ସ୍ଥାନକୁ ବାଲିଚାଲାଣ ହେଉଥିବା ଜଣାପଡ଼ିଛି।




## ଫୁଲବାଣୀରେ ପୁସ୍ତକ ମେଳା ସହ 'ଆସ କିଣିବା' ଅଭିଯାନ

ଫିରିଙ୍ଗିଆ/ଫୁଲବାଣୀ, ୧୦।୪(ସମିସ): ଓଡ଼ିଶା ପକ୍ଷ ଅବସରରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଭବ୍ୟ ପୁସ୍ତକ ମେଳା ସହ ଆସ କିଣିବା ବହିଟିଏ ଅଭିଯାନ ଜିଲ୍ଲାପାଳ ଦେବଭୂଷଣଙ୍କ ଦ୍ୱରା ଶୁଭାରମ୍ଭ ହୋଇଥିଲା। ଜିଲ୍ଲାପାଳ ନିଜେ ପୁସ୍ତକ କ୍ରୟ କରି ଏହି ଅଭିଯାନର ଶୁଭାରମ୍ଭ କରିବା ସହ ସମସ୍ତଙ୍କୁ ବହିଟିଏ କିଣି ପଢ଼ିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁଙ୍କ ସହ ଜିଲ୍ଲାର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।



## ବିକାଶ ପାଢ଼ୀଙ୍କ ପରଲୋକରେ ଶୋକ



ପାରଳାଖେମୁଣ୍ଡି, ୧୦।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ କଟକିଆ ସାହିର ମୂଳବାସିନ୍ଦା ସାମ୍ବାଦିକ ବିକାଶ ପାଢ଼ୀଙ୍କ ପରଲୋକରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ପାଢ଼ୀ ବ୍ରହ୍ମପୁରରେ ଇଂରାଜୀ ଏବଂ ସ୍ଥାନୀୟ ସମ୍ବାଦପତ୍ରରେ ବିଜ୍ଞାପନ ସେବା ସହିତ ତାଙ୍କର ଦୀର୍ଘକାଳୀନ ସମ୍ପର୍କ ପାଇଁ ଗଣମାଧ୍ୟମ ମହଲରେ ବେଶ୍ ପରିଚିତ ଥିଲେ। ସେ ଗତ ୧୦ଦିନ ଧରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଆଜି ସନ୍ଧ୍ୟାରେ ତାଙ୍କର ପରଲୋକ ଘଟିଛି। ଏହା ଜଣାପଡ଼ିବା ପରେ ନିଜ ଜନ୍ମମାଟି ପାରଳାର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସାମ୍ବାଦିକ ତାରିଣୀ ପ୍ରସାଦ ପଣ୍ଡା, ଗରୁଡ଼ଧ୍ୱଜ ଚୌଧୁରୀ, ଗଣେଶ ରାଜୁ, ରଶ୍ମିରଞ୍ଜନ ମିଶ୍ରଙ୍କ ସମେତ ବହୁ ସାମ୍ବାଦିକ ସ୍ୱର୍ଗତ ପାଢ଼ୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ମହିଳା କୃଷି ତାଲିମ୍ ଶିବିର

ବେଲଗୁଣ୍ଠା, ୧୦।୪(ସମିସ): ଗାଙ୍ଗପୁର ହାଟପଦା ସ୍ଥିତ ପାଠାଗାର ପରିସରରେ ସ୍ୱପ୍ନେଶ୍ୱର ପାଣି ପଞ୍ଚାୟତ ପକ୍ଷରୁ ଏକ ମହିଳା କୃଷି ତାଲିମ୍ ଶିବିର ଆୟୋଜିତ ହୋଇଯାଇଛି। ପାଣି ପଞ୍ଚାୟତ ସଭାପତି ଅର୍ଜ୍ଜୁନ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ଉପଖଣ୍ଡସ୍ତରୀୟ କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ କୃଷି ବୈଜ୍ଞାନିକ ଅନିତା ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭଞ୍ଜନଗର କୃଷି ଅଧିକାରୀ ସଂଗ୍ରାମ ସେନାପତି, ସହକାରୀ କୃଷି ଅଧିକାରୀ ଶୈଳସୂତା ସାହୁ, ସଂଘମିତ୍ରା ଦାସ, ଓପିକ୍ରା ସଦସ୍ୟ ବିଶ୍ୱନାଥ ପ୍ରଧାନ, ଭୁବନେଶ୍ୱର ବାରିକ, କେଦାରନାଥ ପଟ୍ଟନାୟକ, ଗିରିଧର ଆଚାରୀ, ବସନ୍ତ ଗୌଡ଼, ଓଭରସିୟର୍ ବିଶ୍ୱନାଥ ପ୍ରଧାନ, କୃଷକ ସାଥୀ ପ୍ରସନ୍ନ କୁମାର ବିଷୋୟୀ, ଅଗ୍ରଣୀ ଚାଷୀ ପ୍ରକାଶ ବିଷୋୟୀ, ସୁଦର୍ଶନ ବିଷୋୟୀ, ହରିକୃଷ୍ଣ ନାଇକ, ସୀମାଞ୍ଚଳ ନାୟକ ପ୍ରମୁଖ ଯୋଗ ଦେଇଥିଲେ ଓ ମୁଖ୍ୟବକ୍ତା ତଥା କୃଷି ବୈଜ୍ଞାନିକ ଅନିତା ପାତ୍ର କୃଷିଜାତ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ସମ୍ପର୍କରେ କହିବା ସହିତ ବାଡ଼ି ବଗିଚା, ମୋ ବଗିଚା, ମାଛ ଚାଷ ଭଳି ବିଭିନ୍ନ କୃଷି କାର୍ଯ୍ୟ ଦ୍ୱାରା ମହିଳା ମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମହିଳା ସଦସ୍ୟ ଏବଂ ଗୋଷ୍ଠୀଙ୍କ ଉତ୍ସାହପୂର୍ଣ୍ଣ ଉପସ୍ଥିତିକୁ ଲକ୍ଷ୍ୟ କରି ଆଗାମୀ ଏକମାସ ମଧ୍ୟରେ ଅନ୍ୟ ଏକ ବୈଠକ ଆୟୋଜନ କରିବା ପାଇଁ ଉପଖଣ୍ଡ ସ୍ତରୀୟ କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର ପ୍ରସ୍ତାବ ଦେଇଥିଲେ। ପାଣି ପଞ୍ଚାୟତ ସମ୍ପାଦକ ସନ୍ତୋଷ କୁମାର ବିଷୋୟୀ ଏବଂ କୋଷାଧ୍ୟକ୍ଷ ନିତ୍ୟାନନ୍ଦ ବିଷୋୟୀ ପରିଚାଳନା କରିଥିଲେ।

## ସାଲବା ରାସ୍ତା ମରଣଯନ୍ତା

ବ୍ରାହ୍ମଣୀଗାଁ, ୧୦।୪(ସମିସ): ଦାରିଙ୍ଗବାଡ଼ି ବ୍ଲକ କାଟିଙ୍ଗିଆ ପଞ୍ଚାୟତ ସାଲବା ଗ୍ରାମ ଗଜପତି ଓ କନ୍ଧମାଳ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳରେ ରହିଛି। ଏହି ଗ୍ରାମରେ ଜନଜାତି ତଥା ଦଳିତ ବର୍ଗର ପ୍ରାୟ ୮୦୦ ଲୋକ ବସବାସ କରୁଛନ୍ତି। ବାହ୍ୟ ଅଞ୍ଚଳ ସହିତ ଯୋଗାଯୋଗ ନିମନ୍ତେ ଗଜପତି ଜିଲ୍ଲାର ଦମାଦୁଆ ପଞ୍ଚାୟତ ସହିତ ସଂଯୁକ୍ତ ଏକ ରାସ୍ତା ରହିଛି। ବିଗତ ବର୍ଷ ଏହା ନିର୍ମାଣ ହୋଇଥିଲେ ସୁଦ୍ଧା ନିମ୍ନମାନର କାମ ହୋଇଥିବାରୁ ତାହା ଏବେ ମରଣଯନ୍ତା ପାଲଟିଛି। ଏପରିକି ଅଟୋ ଯିବାଆସିବାରେ ସମସ୍ୟା ସୃଷ୍ଟି ହେଉଛି। ବର୍ଷାଦିନେ ପରିସ୍ଥିତି ଅଧିକ ଶୋଚନୀୟ ହେଉଛି। ରାସ୍ତା ଠିକ ନଥିବାରୁ ରୋଗୀଙ୍କୁ ବୋହି ବହୁ ଦୂରକୁ ନେବାକୁ ପଡୁଛି। ଏହି ଗ୍ରାମ କାଟିଙ୍ଗିଆ ପଞ୍ଚାୟତ ଠାରୁ ପ୍ରାୟ ୩୫ କିମି ଓ ଦାରିଙ୍ଗବାଡ଼ି ଠାରୁ ୮୦ କିମି ଦୂରରେ ରହିଛି। ଜିଲ୍ଲା ମଧ ଦେଇ କାଟିଙ୍ଗିଆଠାରୁ ଏହି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ ହୋଇରହିଛି। ୩ କିମି ଜଙ୍ଗଲି ରାସ୍ତା ତିଆରି ହୋଇ ପାରିଥିଲେ କାଟିଙ୍ଗିଆର ଦୂରତା ୩୫ କିମିରୁ କମି ୧୨ କିମି ହୋଇଥାନ୍ତା। ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରିବାକୁ ଗ୍ରାମବାସୀ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳିବା ବ୍ୟତିତ କୌଣସି ସୁଫଳ ମିଳିପାରିନାହିଁ। ଏନେଇ ଜନଅସନ୍ତୋଷ ଓ ବ୍ୟୟକୁ ବୃଦ୍ଧି କରୁଛି ବୋଲି କିର ମଳିକ, ମତ ମଳିକ, ଗଙ୍ଗୁଲି ବେହେରା ଓ ମିଥୁନ ଅଧିକାରୀ ତଥା ଅନ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



## ନାଳ ନିକଟରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

ମୋହନା, ୧୦।୪(ସମିସ): ଗଜପତି ଜିଲ୍ଲା ମୋହନା ଥାନା ଲୁହାଗୁଡି ଢ଼ାବା ପଛ ପଟେ ଥିବା ନାଳ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକଙ୍କ ପରିଚୟ ମିଳି ନଥିବାବେଳେ ମୃତ୍ୟୁର କାରଣ ମଧ ଜଣାପଡ଼ିନାହିଁ। ନାଳ ନିକଟରେ ଏକ ମୃତଦେହ ପଡ଼ିଥିବା ମୋହନା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତଦନ୍ତ ପରେ ଓ ପରିଚୟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର କହିଛନ୍ତି।

## ଅସହାୟ ପରିବାରକୁ ସହାୟତା

ପାତ୍ରପୁର, ୧୦।୪(ସମିସ): ପାତ୍ରପୁର ବ୍ଲକ ଅଧିନସ୍ଥ ତଣ୍ଡୀପୁର ଗ୍ରାମର ଅସହାୟ ଚନ୍ଦ୍ରମା ନାଇକ ସ୍ୱାମୀ ସ୍ୱର୍ଗତ ଉମା ନାଇକଙ୍କୁ ହରାଇ ଝିଅର ବାହାଘର ସ୍ଥିର ହୋଇଥିଲା। ହେଲେ ଝିଅ ବାହାଘର ନେଇ ଚିନ୍ତିତ ଥିବା ବେଳେ ସହାୟତା ହାତ ବଢ଼ାଇଛି ଗୋପବନ୍ଧୁ ସେବା ସମିତି। ସେବା ସମିତି ସଭାପତି ଦେବେନ୍ଦ୍ର ରଣାଙ୍କ ନେତୃତ୍ୱରେ ଚନ୍ଦ୍ରମା ନାଇକଙ୍କ ଘରେ ପହଞ୍ଚି ଝିଅ ସୁଜ୍ଞାନୀଙ୍କୁ ସୁଭାଶିଷ ପ୍ରଦାନ କରିବା ସହ ବିଭିନ୍ନ ଆସବାବ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମିତି ସମ୍ପାଦକ ପ୍ରସାଦ ମଲ୍ଲିକ, ଡାକ୍ତର ପୁରଞ୍ଜିତ ପାତ୍ର, କିଶୋର ପାତ୍ର, ଅରୁଣ ପ୍ରଧାନ, ଭାଗବତ ନାୟକ, ଯତୀନ ସାହୁ, ସିଦ୍ଧାର୍ଥ ଶଙ୍କର, ଗୌତମ ରଣା ପ୍ରମୁଖ ସହଯୋଗ କରିଥିଲେ।



## ଆର୍‌ସିଏମ୍ କଲେଜରେ ରକ୍ତଦାନ ଶିବିର

ଖଲ୍ଲିକୋଟ, ୧୦।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅଧ୍ୟକ୍ଷ ଡକ୍ଟର ସୁରେନ୍ଦ୍ର କୁମାର ସ୍ୱାଇଁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ହରିହର ମୁନି ଓ ଇଂରାଜୀ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଭଗବାନ ତ୍ରିପାଠୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏମକେସିଜି ବ୍ଲଡ଼ ବ୍ୟାଙ୍କ ଟିମ୍ ଯୋଗଦେଇ ୩୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଯୁବ ରେଡ କ୍ରସ ଉପଦେଷ୍ଟା ଅଧ୍ୟାପକ କୁନା ଜେନା ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଜାକାତୁନ୍ ବେଗମ ଏବଂ ମନୋଜ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ମୁଖ୍ୟ କିରାଣୀ ସହଦେବ ସିଂହ, ଡି. ସତ୍ୟନାରାୟଣ ପଟ୍ଟନାୟକ, ଟି. ଶିବାନନ୍ଦ ବର୍ମା, ଗଜେନ୍ଦ୍ର କାର୍ଲୋ, ଫାଲଗୁନୀ ହେମ୍ବ୍ରମ, ଅକ୍ଷୟ ଦାଶ, ପ୍ରବିଣ, ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଇମାନ ରଥ, ସଲମାନ ମହାପାତ୍ର, ଲକ୍ଷ୍ମୀ ଡାକୁଆ, ବିନୁ ଦାସ ଓ ରାଜଶ୍ରୀ ରାଉତ ସହଯୋଗ କରିଥିଲେ।

## 'ମୋ ଯୁବ ଭାରତ' ପକ୍ଷରୁ ଯୁବକ ସଂଘ ଗଠିତ

ରମ୍ଭା/ଗଞ୍ଜାମ, ୧୦।୪(ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ମୋ ଯୁବ ଭାରତ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ନୂତନ ଭାବେ ଯୁବକ ସଙ୍ଘ ମାନ ଗଠନ ହେବାରେ ଲାଗିଛି। ଗଞ୍ଜାମ ଜିଲ୍ଲା ସଂଯୋଜକ ଅକ୍ଷୟ ଭାସ୍କର ନିପାଣେଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ପକ୍ଷରୁ ଯୁବ ଶକ୍ତିକୁ ଏକଜୁଟ କରିବା ପାଇଁ ପ୍ରୟାସ କରାଯାଉଛି। ଏନେଇ ଚିକିଟି, ଭଞ୍ଜନଗର, ହିଞ୍ଜିଳିକାଟୁ, ବେଲଗୁଣ୍ଠା, ଛତ୍ରପୁର, ବ୍ରହ୍ମପୁର ଓ ଗଞ୍ଜାମ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ଯୁବକ ସଙ୍ଘ ଗଠନ ହୋଇସାରିଲାଣି। ଦିଗଦର୍ଶନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ବିଜୟଲକ୍ଷ୍ମୀ ମହାଙ୍କୁଡ଼, ଉମାକାନ୍ତ ବେହେରା, ରାକେଶ କୁମାର ନାୟକ, ରାଧାରମଣ ପାଢ଼ୀ ପ୍ରମୁଖଙ୍କ ଉଦ୍ୟମକୁ ଜିଲ୍ଲା ସଂଯୋଜକ ଉଚ୍ଚ ପ୍ରଶଂସା କରିଛନ୍ତି। ତତସହିତ ଗଞ୍ଜାମ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ୟୁଥ ଫର ଭିଲେଜ, ଯଶୋଦା ଫାଉଣ୍ଡେସନ, ମାଳି ଜଗନ୍ନାଥପୁରର ବାବା ବାଲିଲୋକାନାଥ ୟୁଥ କ୍ଲବ, ଶ୍ରିବଣାର ଏସବିଏସ ୟୁଥ କ୍ଲବ, ଛତ୍ରପୁର ବ୍ଲକ ଲଣ୍ଡା ବାଉଁଶର ଦିଗ ବିଜୟୀ ୟୁଥ କ୍ଲବ, ରାଜନାପଲ୍ଲୀର ରାଧାକୃଷ୍ଣ ପାଠାଗାର, ବ୍ରହ୍ମପୁରର ନୀଳାଞ୍ଚଳ ଆସୋସିଏସନ, ଭଞ୍ଜନଗର କ୍ରାନ୍ତିବୀର, ରାଧାକୃଷ୍ଣ ୟୁଥକ୍ଲବ, ଚିକିଟିର ବନ୍ଦନା ୟୁଥ କ୍ଲବ ପ୍ରମୁଖ ଯୁବକ ସଙ୍ଘ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଜନଗଣନା ରଥର ଶୁଭାରମ୍ଭ



ଧରାକୋଟ, ୧୦।୪(ସମିସ): ଚଳିତ ମାସ ୧୬ ତାରିଖ ଠାରୁ ମେ ମାସର ୧୫ ତାରିଖ ପର୍ଯ୍ୟନ୍ତ ଜନ ଗଣନା କରାଯିବ। ଲୋକ ମାନଙ୍କୁ ସଠିକ ଭାବରେ ତଥ୍ୟ ପ୍ରଦାନ ସହ ଜନ ଗଣନାକାରୀ ମାନଙ୍କୁ ଏଥିରେ ସହଯୋଗ କରିବା ଉଦ୍ଦେଶ୍ୟରେ ଲୋକ ମାନଙ୍କୁ ସଚେତନ କରାଇବା ପାଇଁ ଧରାକୋଟ ତହସିଲ ତରଫରୁ ଜନ ଗଣନା ରଥର ଶୁଭାରମ୍ଭ କରାଯାଇଛି। ତହସିଲଦାର ତଥା ଚାର୍ଜ ଅଫିସର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ଚାର୍ଜ ଅଫିସର ତଥା ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସୁପରଭାଇଜର ସୁଜ୍ଞାନି ବେହେରା, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ତହସିଲଦାର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଧରାକୋଟ ବ୍ଲକର ୨୭୯ ଏଚଏଲବିର ଗଣନା ପାଇଁ ୪୧ ଜଣ ସୁପର ଭାଇଯର ଓ ୨୪୨ ଜଣ ଗଣନାକାରି ଏଥିରେ ନିୟୋଜିତ ରହିବା ପାଇଁ ତାଲିମ ଗ୍ରହଣ କରିଛନ୍ତି। ଏହି ବିଭାଗର ତନ୍ମୟ ବେହେରା, ସୁଦୀପ୍ତ ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଟ୍ରକ୍ ମାଲିକ ସଂଘର ସମସ୍ୟା ସମାଧାନ ପାଇଁ ପଦକ୍ଷେପ

# ୭ ଦିନ ମଧ୍ୟରେ ଆଲୋଚନା ପାଇଁ ଗ୍ରାସୀମ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ

ଛତ୍ରପୁର, ୧୦।୪(ସମିସ)

ଗଞ୍ଜାମ ଟ୍ରକ୍ ମାଲିକ ସଂଘର ଦୀର୍ଘ ଦିନର ଦାବି ଓ ସମସ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହା ସଂଘ ପାଇଁ ଏକ ସଫଳତା ଭାବେ ଉଭା ହୋଇଛି। ଟ୍ରକ୍ ମାଲିକମାନଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ଗ୍ରହଣ କରି ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ କର୍ତ୍ତୃପକ୍ଷଙ୍କୁ ଏକ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି, ଯେଉଁଥିରେ ଆସନ୍ତା ୭ ଦିନ ମଧ୍ୟରେ ଅଭିଯୋଗକାରୀ ପକ୍ଷଙ୍କ ସହ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ କରିବାକୁ କୁହାଯାଇଛି। ପ୍ରଶାସନିକ ସ୍ତରରେ ଶିଳ୍ପାଞ୍ଚଳରେ ଶାନ୍ତି ରକ୍ଷା ପାଇଁ ପ୍ରସ୍ତାବିତ ଆନ୍ଦୋଳନକୁ ବାରଣ କରାଯାଇଥିଲେ ହେଁ, କମ୍ପାନୀକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଲୋଚନା ପାଇଁ ବାଧ୍ୟ କରିବା ଏବଂ ସମାଧାନର ସୂଚନା ପ୍ରଶାସନକୁ ଲିଖିତ ଭାବେ ଦେବାକୁ ନିର୍ଦ୍ଦେଶ ଦେବା ଟ୍ରକ୍ ମାଲିକଙ୍କ ପାଇଁ ନ୍ୟାୟ ପାଇବାର ପଥ ପରିଷ୍କାର କରିଛି। ପ୍ରଶାସନର ଏହି ପ୍ରତ୍ୟକ୍ଷ ହସ୍ତକ୍ଷେପ ଫଳରେ ଏକ ସମ୍ମାନଜନକ ସମାଧାନ ହେବା ସହ ଟ୍ରକ୍ ମାଲିକ ଓ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଥିବା ବିବାଦର ସ୍ଥାୟୀ ଅନ୍ତ ଘଟିବ ବୋଲି ଆଶା କରାଯାଉଛି। ସୂଚନା ଥାଉକି ପରିବହନକୁ କେନ୍ଦ୍ର କରି ଗଞ୍ଜାମ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ସମ୍ମୁଖରେ ୧୧ ତାରିଖରେ ଗଣଧାରଣା ଚେତାବନୀ ଦିଆଯାଇଥିଲା।

# ପରିତ୍ୟକ୍ତ ଯାତ୍ରୀ ବିଶ୍ରାମାଗାର; ନିରବଦ୍ରଷ୍ଟା ଏନ୍‌ଏସି କର୍ତ୍ତୃପକ୍ଷ

ଜି.ଉଦୟଗିରି,୧୦।୪(ସମିସ)





ଜି.ଉଦୟଗିରି ବହୁ ପୁରୁଣା ଏନ୍‌ଏସି ହୋଇଥିବା ବେଳେ ଦୀର୍ଘବର୍ଷ ହେଲା ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି କରାଯାଉଛି। କିନ୍ତୁ ଆଜି ପର୍ଯ୍ୟନ୍ତ ସହରରେ ଯାତ୍ରୀ ବିଶ୍ରାମାଗାର ନଥିବାରୁ ସବୁଠି ସମାଲୋଚନା ଓ ନିନ୍ଦିତ ହୋଇଆସୁଛି। ପୂର୍ବରୁ ଶ୍ରୀରାମପଦାରେ ଥିବା ଯାତ୍ରୀ ବିଶ୍ରାମଗାର ଭାଙ୍ଗିରୁଜି ଯାଇଛି। କଳିଙ୍ଗ ମହାବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଷ୍ଟେଟବ୍ୟାଙ୍କ, ଜି.ଉଦୟଗିରି -ପାବୁରୀଆ ମୁଖ୍ୟରାସ୍ତା, ରଟିଙ୍ଗିଆ, ସୁଭଦ୍ରା ମହତାବ, କଳିଙ୍ଗ ଷ୍ଟାଡିୟମ, ବସ୍‌ଷ୍ଟାଣ୍ଡ, କେବିକେ, ବନବିଭାଗ କାର୍ଯ୍ୟାଳୟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଯୋଗୁ ବ୍ୟସ୍ତବହୁଳ ସ୍ଥାନ ହୋଇଥିବା ବେଳେ ଅତି ଜରୁରୀ ହେଉଛି ଯାତ୍ରୀ ବିଶ୍ରାମାଗାର। କିନ୍ତୁ ଦୀର୍ଘବର୍ଷ ହେଲା ଶ୍ରୀରାମପଦା ଛକରେ ସେପରି ଦୟନୀୟ ଅବସ୍ଥାରେ ରହିଛି। କାହାର ଦୃଷ୍ଟି ପଡୁନି। ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି।

ସେହିଭଳି ଭାବେ ଜି.ଉଦୟଗିରି ତହସିଲ କାର୍ଯ୍ୟାଳୟ ନିକଟରେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିଲା ଯାତ୍ରୀ ବିଶ୍ରାମଗାର। ତାହା ଉଦ୍‌ଘାଟନ ନ ହେଉଣୁ ଭାଙ୍ଗିରୁଜି ଗଲାଣି। ଲୋକେ ପରିସ୍ରାଗାର ଭାବି ପରିସ୍ରା କରୁଥିବା ବେଳେ ଦୁର୍ଗନ୍ଧରେ ଫାଟି ପଡୁଛି ନାକ। ଯାତ୍ରୀ ଖରା, ବର୍ଷା, ଶୀତରୁ ରକ୍ଷା ପାଇବାକୁ ଆଖପାଖ ଦୋକାନ ପିଣ୍ଡାରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ଏହିଭଳି ଜରୁରୀ ଥିବା ଦୁଇ ଯାତ୍ରୀ ବିଶ୍ରାମଗାର ବ୍ୟବହାର ଉପଯୋଗୀ ନ ହେବା ଫଳରେ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ବେଳେ ଏନଏସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା କଥାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ସାଧାରଣ ଜନତା। ଯାତ୍ରୀଙ୍କ ସୁବିଧା ପାଇଁ ଶୀଘ୍ର ଏହି ଯାତ୍ରୀ ବିଶ୍ରାମାଗାର ବ୍ୟବହାର ଉପଯୋଗୀ କରିବାକୁ ଦାବି ହେଉଛି।

## ଜନଗଣନା ସଚେତନତା ରଥ ଉଦ୍‌ଘାଟିତ



**କାଶୀନଗର,୧୦।୪(ସମିସ):** କାଶୀନଗର ତହସିଲ କାର୍ଯ୍ୟାଳୟ ପରିସରରେ ଜନଗଣନା ସଚେତନତା ରଥ ଉଦଘାଟିତ ହୋଇଛି। ତହସିଲଦାର ସୁଧୀର କୁମାର ନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବୁରୁଧର ମଲ୍ଲିକ, ପଂଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁ, ଅତିରିକ୍ତ ତହସିଲଦାର ତଥା ଭାରପ୍ରାପ୍ତ ବିଜ୍ଞାପିତ ଅଂଚଳ ନିର୍ବାହୀ ଅଧିକାରୀ କେ. ଦିବ୍ୟରଞ୍ଜନ ଓ ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ଗହଣରେ ପଂଚାୟତ ସମିତି ଅଧ୍ୟକ୍ଷା ବି.ସାୟାମ୍ମା ଏହାକୁ ଉଦଘାଟନ କରିଥିଲେ। ଏହି ରଥ ବିଭିନ୍ନ ପଞ୍ଚାୟତ ଓ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିକ୍ରମା କରି ଜନଗଣନାରୁ ଜନକଲ୍ୟାଣ ପ୍ରସଙ୍ଗ ଆଧାରରେ ଲୋକଙ୍କୁ ଓଡ଼ିଆ, ତେଲୁଗୁ ଏବଂ ସଉରା ଭାଷାରେ ସଚେତନ କରିବ ବୋଲି କୁହାଯାଇଛି। ତହସିଲ କାର୍ଯ୍ୟାଳୟ ସଭାଗୃହରେ ମାର୍ଚ୍ଚ ୨୩ରୁ ଏପ୍ରିଲ ୮ ଯାଏଁ ଜନଗଣନା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତିନି ପର୍ଯ୍ୟାୟରେ ୧୨୬ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ତାଲିମ୍ ନେଇଥିଲେ। ଏପ୍ରିଲ ୧୫ରୁ ଜନଗଣନା ଆରମ୍ଭ ହେବାକୁ ଥିବା ବେଳେ ଶୁକ୍ରବାର ସଚେତନତା ରଥରେ ଜନସାଧାରଣଙ୍କୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## ୪୩ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ

**ପାରଳାଖେମୁଣ୍ଡି,୧୦।୪(ସମିସ):** ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ତଥା ଜିଲ୍ଲା ଯୋଗାଣ ଅଧିକାରୀ ଅନୁପ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାରୀ ରୋକିବାକୁ ଚଢ଼ଉ ଜାରି ରହିଛି। ଶୁକ୍ରବାର ଆର୍. ଉଦୟଗିରି ବ୍ଲକ ସଦରମହକୁମା ଓ ଛେଲିଗଡ଼ରେ ଚଢ଼ଉ ହୋଇଥିଲା। ଛେଲିଗଡ ଗ୍ରାମର



ଶଶିକାନ୍ତ ପଟ୍ଟନାୟକ ବହୁ ଗ୍ୟାସ୍ ସିଲିଣ୍ଡର ଗଚ୍ଛିତ ରଖିଥିବା କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଶ୍ରୀ ପଟ୍ଟନାୟକ ରଖିଥିବା ଏକ ଘରୁ ୪୩ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡରକୁ ଜବତ କରିଥିଲା ଯୋଗାଣ ବିଭାଗ। ଏନେଇ ସମସ୍ତ ତଥ୍ୟ ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରିବା ପରେ ଉଲ୍ଲେଖିତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ସୂଚନା ପ୍ରଦାନ କରାଯାଇଛି। ଚଢ଼ଉରେ ସହକାରୀ ଯୋଗାଣ ଅଧିକାରୀ ସୁହାଂସ ଭୋଇ, ପୃଥ୍ୱୀରାଜ ପ୍ରଧାନ, ଅତିରିକ୍ତ ଯୋଗାଣ ଅଧିକାରୀ ସବ୍ୟସାଚୀ ବସ୍ତିଆ, ମାର୍କେଟିଂ ଇନ୍ସପେକ୍ଟର ପ୍ରିୟବ୍ରତ ପରମାଣିକ ସାମିଲ ହୋଇଥିଲେ।

## ଉପାନ୍ତ କାଲାଡ଼ି ଗାଁରେ ସ୍ୱତନ୍ତ୍ର ଗ୍ରାମସଭା



**ଫିରିଙ୍ଗିଆ,୧୦।୪(ସମିସ):** ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳ ପାଙ୍ଗା ଉପରସାହି ପଞ୍ଚାୟତ କାଲାଡ଼ି ଗାଁରେ 'ଆମେ ଜାଣିବା ଆମ ବଜେଟ'କୁ ନେଇ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। କାଲାଡ଼ି ୱାର୍ଡସଭ୍ୟ ଗିଞ୍ଜାରା ଦିଗାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ପଞ୍ଚାୟତର ଅଙ୍ଗନବାଡି କର୍ମୀ ଭାନୁମତି କହଁର,ଏଡ଼ିଇଓ କୃଷ୍ଣ ଚନ୍ଦ୍ର ସାହୁ ଯୋଗଦେଇ ବିଭିନ୍ନ ଯୋଜନା, ବିଭିନ୍ନ ବଜେଟ ଓ ଭିବି ରାମଜୀ, ପାନୀୟ ଜଳ, ଆବାସ ଗୃହ, ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତିକରଣ, ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ସୁଦୃଢ଼ୀକରଣ ଭଳି ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ବୁଝାଇବା ସହ ସମସ୍ତ ଯୋଜନା ବିଷୟରେ ଅବଗତ କରିଥିଲେ। ୧୧ ନମ୍ବର ୱାର୍ଡର ୮ ସାହିର ଗ୍ରାମବାସୀ ଉପସ୍ଥିତ ରହି ଯୋଜନା ବିଷୟରେ ଜାଣିବା ସହ ଆବଶ୍ୟକୀୟ ବିଭିନ୍ନ ଯୋଜନାରେ ଗାଁରେ ଥିବା ବିଭିନ୍ନ ସମସ୍ୟାକୁ ସମାଧାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ଅବଗତ କରିବା ସହ ଦାବି କରିଥିଲେ। କାର୍ଯ୍ୟକ୍ରମକୁ ଏଡ଼ିଇଓ କୃଷ୍ଣ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ବୈଠକ



**ପାରଳାଖେମୁଣ୍ଡି,୧୦।୪(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଗଜପତି ଜିଲ୍ଲା ଶାଖା ଆନୁକୂଲ୍ୟରେ ଏକ ଜରୁରୀ ବୈଠକ ପାରଳାଖେମୁଣ୍ଡି ସ୍ଥିତ ବସନ୍ତ ବିହାରରେ ଅନୁଷ୍ଠିତ ହୋଇଥିଲା। ସଭାପତି ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବୈଠକରେ ଦକ୍ଷିଣ ସମ୍ଭାଗ ମୁଖ୍ୟ ଡ. କଲ୍ୟାଣୀ ମିଶ୍ର, ଡ.ପ୍ରୀୟବ୍ରତ ଶତପଥୀ, ସ୍ନିଗ୍ଧା ମିଶ୍ର, ରାଜେନ୍ଦ୍ର କୁମାର ରଥ, ଅରୁପାଞ୍ଜଳି ମହାନ୍ତି, ମନୋଜ ପଣ୍ଡା, ଡି. ପ୍ରିୟଙ୍କା , ଅଞ୍ଜନା ପଟ୍ଟନାୟକ, ସ୍ନେହା ବେହେରା, ଶ୍ୱେତା ପଟ୍ଟନାୟକ, ଅନୁଶ୍ରୀ ପଟ୍ଟନାୟକ ଓ ଶୁଭ୍ରା ପଟ୍ଟନାୟକ ଯୋଗ ଦେଇଥିଲେ। ନିକଟ ଭବିଷ୍ୟତରେ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହେବାକୁ ଯାଉଥିବା ଥିବା ରାଜ୍ୟ ସ୍ତରୀୟ ମହୋତ୍ସବରେ ସମସ୍ତସଭ୍ୟ/ସଭ୍ୟା ଓ ବୁଦ୍ଧିଜୀବୀଙ୍କ ସହଯୋଗ କାମନା କରାଯାଇଥିଲା। ଶେଷରେ ଅନୁଷ୍ଠାନର ଉପସଭାପତି ତଥା ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ, ଅଟୋ ଜବତ

ବାଲିଗୁଡ଼ା,୧୦।୪(ସମିସ)



### ସାଦା ପୋଷାକରେ ଥିବା ପୁଲିସକୁ ଲିଫ୍ଟ ମାଗି ଫସିଗଲା

କ.ନୂଆଗାଁ ଥାନା କୁଡୁତୁଲି ଗ୍ରାମର ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ୍ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କୁଡୁତୁଲି ପଞ୍ଚାୟତ ସାରକେତ। ଗ୍ରାମର ଗଣେଶ ପାତ୍ର (୨୯)। ୧୭ ବର୍ଷୀୟ ନାବାଳିକା ଯୁବତୀ ଜଣକ ଗାଧୋଇବାକୁ ଯାଇଥିବାବେଳେ ଗଣେଶ ଅଟୋ ଧରି ସେହିବାଟେ ଯାଉଥିଲା। ନାବାଳିକା ଜଣକ ଏକୁଟିଆ ଯାଉଥିବା ଦେଖି ଅଟୋ ରଖି ଜବରଦସ୍ତ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ପାଟି କରିବାରୁ ଗଣେଶ ଜଙ୍ଗଲକୁ ଦୌଡ଼ି ପଳାଇଥିଲା। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ପହଞ୍ଚି ଅଟୋ ଜବତ କରିଥିଲା। ଥାନା ଅଧିକାରୀ ଆଶୁତୋଷ ଜେନା ଅଭିଯୁକ୍ତର ଫୋନ୍ ଟ୍ରାକ୍ କରିବା ସହିତ ଉପସ୍ଥିତ ବୁଦ୍ଧି ଖଟାଇଥିଲେ। ପୁଲିସ୍ ଗାଡ଼ିରେ ନଯାଇ ୪୦୭ ଗାଡ଼ିରେ ସାଧା ପୋଷାକରେ ସେଠାକୁ ଯିବାବେଳେ ଗଣେଶ ଜଙ୍ଗଲରୁ ବାହାରି ଲିଫ୍ଟ ମାଗିଥିଲା। ଏହି ସମୟରେ ଗଣେଶକୁ କାବୁ କରି ଥାନା ଅଧିକାରୀ ହାଜତକୁ ଆଣିଥିଲେ। ଏ ନେଇ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

## ପୌର ପରିଷଦ ବାର୍ଷିକ ବଜେଟ ଆର୍ଥିକ ଅଧିବେଶନ ଓ ସାଧାରଣ ବୈଠକ

**ପାରଳାଖେମୁଣ୍ଡି,୧୦।୪(ସମିସ):** ପାରଳାଖେମୁଣ୍ଡି ପୌରପରିଷଦର ସାଧାରଣ ବୈଠକ ତଥା ବାର୍ଷିକ ଆର୍ଥିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ନିର୍ମଳା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ରାଜ୍ୟର ସର୍ବପୁରାତନ ପୌରପରିଷଦର ଯେତିକି ବିକାଶ ହେବା କଥା ହୋଇନାହିଁ। ଏନେଇ ବିଧାୟକ ଶ୍ରୀ ପାଣିଗ୍ରାହୀ ସମସ୍ତ ସଭ୍ୟସଭ୍ୟାଙ୍କ ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ। ସହରର ରାସ୍ତା, ନାଳ ନର୍ଦ୍ଦମା, ପିଇବା ପାଣି, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଆଲେଚନା ହୋଇଥିଲା। ବିଗତ ବୈଠକର ବିବରଣୀ ପାଠ



କରିବା ସହ ୨୦୨୫ ମସିହାର ଆର୍ଥିକ ବିବରଣୀ ଉପସ୍ଥାପନା କରାଯାଇଥିଲା ଏବଂ ଆଗାମୀ ବର୍ଷ ପାଇଁ ବଜେଟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଉପାଧ୍ୟକ୍ଷ ଲେଙ୍କା ମଧୁ, ସାଂସଦ ପ୍ରତିନିଧି ଆଦର୍ଶ ଦାସ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ସିୟୁଟିଏମ୍‌ରେ ଆଇଇଇଇ କମ୍ପ୍ୟୁଟର ସୋସାଇଟି ଛାତ୍ର ଶାଖା ଅଧିବେଶନ

ପାରଳାଖେମୁଣ୍ଡି,୧୦।୪(ସମିସ)

ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡି କ୍ୟାମ୍ପସର ଆଇଇଇଇ କମ୍ପ୍ୟୁଟର ସୋସାଇଟି ଛାତ୍ର ଶାଖା ଅଧ୍ୟାୟ ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍, ଆଇଇଇଇ ଅଧିକାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆଇଇଇଇ ଛାତ୍ର ପରାମର୍ଶଦାତା ଡ଼. ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଡିନ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ଡ଼. ପ୍ରଫୁଲ୍ଲ କୁମାର ପଣ୍ଡା ଛାତ୍ରଙ୍କ ବୈଷୟିକ ଶିକ୍ଷାରେ ଉନ୍ନତି ଉପରେ ଆଲୋକପାତ କରିଥିଲେ। ସିୟୁଟିଏମ୍ ଓଡ଼ିଶାର ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ପାଢ଼ୀ, ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଉଦବୋଧନ ଦେଇଥିଲେ। ସଭାରେ ଆଇଟିଆର୍‌ଡିଆରଡିଓର ପୂର୍ବତନ ନିର୍ଦ୍ଦେଶକ ଏଚ୍.କେ. ରଥ ଓ ଆଇଇଇଇ ଭୁବନେଶ୍ୱର କମ୍ପ୍ୟୁଟର ସୋସାଇଟି ଚ୍ୟାପ୍ଟରର ଅଧ୍ୟକ୍ଷ ମଧ୍ୟ ଯୋଗ ଦେଇଥିଲେ।




ମୁଖ୍ୟଅତିଥି ଆଇଆଇଟି ଭୁବନେଶ୍ୱରର ବିଦ୍ୟୁତ୍ ବିଜ୍ଞାନର ପ୍ରଫେସର ଡ଼. ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଏବଂ ପ୍ରଫେସର କିଟ୍ ସ୍କୁଲ ଅଫ୍ ଇଲେକ୍ଟ୍ରି ଇଞ୍ଜିନିରିଂର ପ୍ରଫେସର ଓ ନିର୍ଦ୍ଦେଶକ ଚିନ୍ମୟ କୁମାର ପାଣିଗ୍ରାହୀ ଉଦବୋଧନ ରଖି ଉଦୟମାନ ପ୍ରଯୁକ୍ତି, ଗବେଷଣାର ସୁଯୋଗ ଓ ଆଇଇଇଇର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ବିଦ୍ୟୁତ ବିଜ୍ଞାନ ଓ ଇଞ୍ଜିନିୟରିଂର ନୂତନ ପରିବର୍ତ୍ତନ ବିଷୟରେ ଭାଷଣ ଦେଇଥିଲେ। ଇସିଇ-ଇଇ ବିଭାଗର ମୁଖ୍ୟ ଡ଼.ପ୍ରଭାତ କୁମାର ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଷୟକୁ ନେଇ ଛାତ୍ରଛାତ୍ରୀଙ୍କ ପୋଷ୍ଟର ପ୍ରଦର୍ଶନ ହୋଇଥିବା ବେଳେ ଆଇଇଇଇ ଛାତ୍ର ସଦସ୍ୟଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା।

## ଗୁରାଣ୍ଡି ଗ୍ରାମର ବିଭିନ୍ନ ସମସ୍ୟା ବୁଝିଲେ ବିଧାୟକ



**ପାରଳାଖେମୁଣ୍ଡି,୧୦।୪(ସମିସ):** ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମ ଗସ୍ତ କରି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମର ମୁଖ୍ୟତଃ ରାସ୍ତା କାମ ସହ ନାଳ ନ ଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେ ନେଇ ତୁରନ୍ତ ପଦକ୍ଷେପ ନେଇ ରାସ୍ତା ନାଳ ଓ ପିଇବା ପାଣି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ବିଧାୟକ ଦେଇଥିଲେ। ସେହିପରି ଦୁର୍ଘଟଣାରେ ଗୁରୁତର ଜି. ନାଗାରାଜୁଙ୍କ ଘରକୁ ଯାଇ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ବରିଷ୍ଠ ବିଜେଡି ନେତା ଏସ୍. ଗଜପତି ରାଓଙ୍କ ସମେତ ମନମୋହ ଜେନା, ଅଭିମନ୍ୟୁ ପରିଡା, ଭୋଳାନାଥ ପାତ୍ର ଓ ପି.ତାରକେଶ୍ୱର ରାଓ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

**ପାରଳାଖେମୁଣ୍ଡି,୧୦।୪(ସମିସ):** ଗଜପତି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ଭାବେ ମନୋନିତ ଅଧ୍ୟକ୍ଷ କାମଦେବ ବଡ଼ନାୟକ ଓ ଉପାଧ୍ୟକ୍ଷା ପଙ୍କଜିନୀ ଦଳାଇ ଆନୁଷ୍ଠାନିକ ଭାବେ ଆଜି ଦାୟତ୍ୱ ଗ୍ରହଣ କରିଛନ୍ତି। ପରିଷଦର କାର୍ଯ୍ୟାଳୟରେ ଉଭୟ ପଦାଧିକାରୀ ଦାୟିତ୍ୱ ନେବା ପରେ ତାଙ୍କୁ ବିଭିନ୍ନ ବ୍ୟକ୍ତିବିଶେଷ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବିଜେପି ରାଜ୍ୟ ଉପସଭାପତି



କେ.ନାରାୟଣ ରାଓ, ଜିଲ୍ଲା ସଭାପତି ନବ କିଶୋର ଶବର, ବରିଷ୍ଠ ନେତା ସିଏଚ୍. ସୀମାଦ୍ରୀ, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଇ.ପ୍ରଶାନ୍ତ, ସାଂସଦ ପ୍ରତିନିଧି ବିଜୟ କୁମାର, କାଉନସିଲର ବିଭୂତି ଭୂଷଣ ବେହେରା, ନଗର ସଭାପତି ବାଳକୃଷ୍ଣ ପାତ୍ର, କେ.ଜୀବନ ରାଓ, ସିଏଚ ଲୋକନାଧମ୍, ପ୍ରସାଦ ନାଇଡୁ ଓ ପ୍ରଶାନ୍ତ କୁମାର ପ୍ରଧାନ ଅଭିନନ୍ଦନ ଜଣାଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ବଡନାୟକ କହିଛନ୍ତି ଜିଲ୍ଲାରେ ଆଦିବାସୀଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତ।

## ଗଞ୍ଜାମ ଦଣ୍ଡଯାତ୍ରାରେ କଳାକାର ସମ୍ମାନିତ



**ଜି.ଉଦୟଗିରି,୧୦।୪(ସମିସ):** ଜି.ଉଦୟଗିରିରେ ପ୍ରଧାନକଲୋନୀ ଦଣ୍ଡଯାତ୍ରା ପରିଚଳନା କମିଟି ତରଫରୁ ଗଞ୍ଜାମ ଲେମ୍ବେଇରେ ଦଣ୍ଡନାଚ ଆୟୋଜିତ ହୋଇଥିବା ବେଳେ ସ୍ଥାନୀୟ କଳାକାର ପ୍ରତାପରୁଦ୍ର ପାତ୍ରଙ୍କୁ ସମ୍ମାନିତ କରାଯାଇଛି। ଶ୍ରୀ ପାତ୍ର ବିଭିନ୍ନି ଯାତ୍ରାରେ କଳା ପ୍ରଦର୍ଶନ କରିଥିବା ବେଳେ ବିଭିନ୍ନ ସଚେତନ ଧର୍ମୀ ଟେଲିଫିଲ୍ମ କରି ବେଶ୍ ପରିଚିତ ହୋଇଥିବା ବେଳେ ବିଭିନ୍ନ କଳା ପରିଷଦ ତରଫରୁ ସମ୍ମାନିତ ହୋଇଛନ୍ତି। ସମ୍ମାନିତ ବେଳେ ନାଟ୍ୟ ପରିଚାଳନା କର୍ମକର୍ତ୍ତାଙ୍କ ସହିତ ଆୟୋଜକ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଇଟା ବୋଝେଇ ଟ୍ରାକ୍ଟର ଓଲଟି ୩ ମହିଳା ଶ୍ରମିକ ଗୁରୁତର

**ମୋହନା,୧୦।୪(ସମିସ):** ଇଟା ବୋଝେଇ ଟ୍ରାକ୍ଟର ଓଲଟି ଗୁରୁତର ଆହତ ହୋଇଛନ୍ତି ୩ ମହିଳା ଶ୍ରମିକ। ଏହି ଦୁର୍ଘଟଣା ମୋହନା ଥାନା ଚନ୍ଦ୍ରଗିରି ନିକଟସ୍ଥ ଚିଟିଙ୍ଗ ଘାଟିରେ ଘଟିଛି। ସୂଚନା ମୁତାବକ, ଏକ ଇଟା ବୋଝେଇ ଟ୍ରାକ୍ଟର ପାଞ୍ଚଆମ୍ବରୁ ଚନ୍ଦ୍ରଗିରି ଆଡ଼କୁ ଆସିବା ବେଳେ ଭାରସାମ୍ୟ ହରାଇ ଚିଟିଙ୍ଗ ଘାଟିରେ ଓଲଟି ପଡିଥିଲା। ଟ୍ରାକ୍ଟର ଡାଲାରେ ବସିଥିବା ୩ ମହିଳା ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ



ମହେନ୍ଦ୍ରଗଡ ଗ୍ରାମର କ୍ଷୀରମଣି ମଲିକ, ଅନସୂୟା ମଲିକ ଓ ନମିତା ମଲିକ। ସେମାନଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୦।୪(ସମିସ)



ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଆ ପକ୍ଷର ୧୦ମ ଦିନରେ ପାରଳାଖେମୁଣ୍ଡି ସ୍ଥିତ ପୌରପରିଷଦ ପକ୍ଷରୁ ପୌର ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପାଳିତ ହୋଇଛି 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ। ପାରଳା ପୌର ଅଧ୍ୟକ୍ଷା ନିର୍ମଳା ସେଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କଳାକୁ ବୃତ୍ତି ଭାବେ ଗ୍ରହଣ କରି ଯେଉଁ କଳାକାର ଲୋକ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି, ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଲୋକକଳା ଓ ଲୋକ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଥିବା ୬ ଜଣ ବରିଷ୍ଠ କଳାକାରଙ୍କୁ ପୌର ପରିଷଦ ପକ୍ଷରୁ ଉପଢୌକନ ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ପୌର ପରିଷଦ ଉପାଧ୍ୟକ୍ଷ ଲେଙ୍କା ମଧୁ, ସାଂସଦ ପ୍ରତିନିଧି ଆଦର୍ଶ ଦାସଙ୍କ ସମେତ ସମସ୍ତ ପୌର ପରିଷଦ ୱାର୍ଡସଭ୍ୟ/ସଭ୍ୟା ଓ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**ଗୋଷାଣି:** ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଗୋଷାଣି ବ୍ଲକ ସଦରମହକୁମା ସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ଲୋକକଳା ଓ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍. ବୀରରାଜୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟର ଲୋକକଳା ଓ କଳାକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କଳାକାରଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ଲୋକକଳା ପାଇଁ ଦିନ ଟିଏ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଗ୍ରାମର ପ୍ରତ୍ୟେକ ବ୍ୟକ୍ତିବିଶେଷ ଲୋକକଳାକୁ ନିଜ ଜୀବନ ଶୈଳୀରେ ପ୍ରତିପାଦିତ କରିବା ସହ ତାକୁ ଜୀବିତ ରଖି ନୂଆ ପିଢ଼ିକୁ ପ୍ରଦାନ କରୁଥିବାରୁ ପ୍ରତ୍ୟେକ କଳାକାରଙ୍କୁ ସାଧୁବାଦ ଜଣାଉଛି ବୋଲି କହିଥିଲେ। ବଡଗାଁ ସ୍ଥିତ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟଗୁରୁ ହରିକୃଷ୍ଣ ବିଶ୍ୱାଳଙ୍କ ସମେତ ଜଙ୍ଗଲପାଡୁ ସ୍ଥିତ ଶ୍ରୀ ରାଧାକୃଷ୍ଣ ସେବା ସଂଘ ଭକ୍ତି ସଂଗୀତ ଏବଂ ଯୁବରାଜପୁର ଗ୍ରାମର ମା ଅମ୍ବିକା ଯୁବ ନାଟ୍ୟ ସଂସଦର ୩୦ରୁ ଉର୍ଦ୍ଧ୍ୱ କଳାକାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀଯନ୍ତ୍ରୀ ସସ୍ମିତା ଜେନା, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର, ଆକାଉଣ୍ଟାଣ୍ଟ ଗଜେନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ମଞ୍ଚ ସଂଯୋଜନା ପିଇଓ ବିନୋଦ ଗୌଡ କରିଥିବା ବେଳେ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାସ ପରିଚାଳନା କରିଥିଲେ।

